POSTAL REGISTRATION NO.- PURI/45/2025-27
RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA



Visit our website: sssoochanaenewspaper.in
/shreeshrikshetrasoochana /ssoochana +91 94370 58632

VOLL : 5 | ପଞ୍ଚମ ବର୍ଷ | ISSUE :5 | ପଂଚମ ସଂଖ୍ୟା | MAY : 2026 | ମେ ୨୦୨୬ | PURI | ପୁରୀ | PAGE : 8 | ପୃଷ୍ଠା : ୮ | RS.10 | ମୂଲ୍ୟ:ଟ୧୦.୦୦

## ସଂପାଦକୀୟ

### ୧୨ ବର୍ଷର ଯାତ୍ରା: ବିଶ୍ୱ ଦରବାରରେ ଭାରତୀୟ ବୈଦେଶିକ ନୀତିର ବିଜୟଗାଥା



ଭାରତ ଏକ ସଭ୍ୟତା, ଏକ ସଂସ୍କୃତି ଏବଂ ଏକ ଉଦୀୟମାନ ବିଶ୍ୱଶକ୍ତି। ସ୍ୱାଧୀନତା ପରଠାରୁ ଦେଶର ବୈଦେଶିକ ନୀତି ବିଭିନ୍ନ ପର୍ଯ୍ୟାୟ ଦେଇ ଅଗ୍ରସର ହୋଇଛି। କିନ୍ତୁ ଗତ ୧୨ ବର୍ଷ ମଧ୍ୟରେ ଭାରତର ବୈଦେଶିକ ନୀତି ଯେପରି ନୂତନ ଉଚ୍ଚତାକୁ ସ୍ପର୍ଶ କରିଛି, ତାହା କେବଳ ଦେଶର କୂଟନୈତିକ ଇତିହାସରେ ନୁହେଁ, ବରଂ ବିଶ୍ୱ ରାଜନୀତିରେ ମଧ୍ୟ ଏକ ଉଲ୍ଲେଖନୀୟ ଅଧ୍ୟାୟ ଭାବେ ପରିଗଣିତ ହେବ। ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦାୟିତ୍ୱ ଗ୍ରହଣ ପରଠାରୁ ଭାରତୀୟ ବୈଦେଶିକ ନୀତି ଏକ ନୂତନ ଆତ୍ମବିଶ୍ୱାସ, ଦୃଢ଼ତା ଓ ବ୍ୟବହାରିକତାର ପରିଚୟ ଦେଇଛି।

ଆଜି ଭାରତ କେବଳ ଏକ ଆଞ୍ଚଳିକ ଶକ୍ତି ନୁହେଁ, ବରଂ ବିଶ୍ୱସ୍ତରରେ ଏକ ନିର୍ଣ୍ଣାୟକ ସ୍ୱର। ଆନ୍ତର୍ଜାତିକ ମଞ୍ଚରେ ଭାରତର ଉପସ୍ଥିତି, ନେତୃତ୍ୱ ଓ ପ୍ରଭାବ ବିଶ୍ୱର ବଡ଼ ବଡ଼ ରାଷ୍ଟ୍ରମାନଙ୍କୁ ମଧ୍ୟ ନୂତନ ଭାବେ ଭାରତକୁ ଦେଖିବାକୁ ବାଧ୍ୟ କରିଛି। ଏହି ୧୨ ବର୍ଷର ଯାତ୍ରା କେବଳ ବିଦେଶ ଗସ୍ତ, ଚୁକ୍ତି କିମ୍ବା କୂଟନୈତିକ ଘୋଷଣାର ଇତିହାସ ନୁହେଁ; ଏହା ହେଉଛି ଏକ ଆତ୍ମନିର୍ଭର, ଆତ୍ମବିଶ୍ୱାସୀ ଓ ବିଶ୍ୱଗୁରୁ ଭାରତ ଗଢ଼ିବାର ସଫଳ ପ୍ରୟାସ।

**ପଡ଼ୋଶୀ ପ୍ରଥମ ନୀତି:** ଆଞ୍ଚଳିକ ସମ୍ପର୍କର ନୂଆ ଅଧ୍ୟାୟ:ମୋଦୀ ସରକାର ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ "ପଡ଼ୋଶୀ ପ୍ରଥମ" ନୀତିକୁ ଗୁରୁତ୍ୱ ଦେଇଆସିଛି। ଶପଥ ଗ୍ରହଣ ଉତ୍ସବକୁ ସାର୍କ ଦେଶମାନଙ୍କ ନେତାଙ୍କୁ ଆମନ୍ତ୍ରଣ କରିବା ଏହାର ପ୍ରଥମ ସୂଚନା ଥିଲା। ବାଂଲାଦେଶ ସହିତ ସୀମା ଚୁକ୍ତିର ସମାଧାନ, ନେପାଳ ସହ ଯୋଗାଯୋଗ ବୃଦ୍ଧି, ଭୁଟାନ ସହ କୌଶଳଗତ ସହଯୋଗ, ଶ୍ରୀଲଙ୍କା ସହ ସମୁଦ୍ର ସୁରକ୍ଷା ସମ୍ପର୍କ ଏବଂ ମାଳଦ୍ୱୀପ ସହ ବିକାଶମୂଳକ ସହଭାଗିତା ଭାରତର ଆଞ୍ଚଳିକ କୂଟନୀତିକୁ ନୂତନ ଶକ୍ତି ଦେଇଛି।

ଚୀନର ବୃଦ୍ଧିଶୀଳ ପ୍ରଭାବ ମଧ୍ୟରେ ଭାରତ ନିଜର ପଡ଼ୋଶୀ ଦେଶମାନଙ୍କ ସହ ବିଶ୍ୱାସ ଓ ବିକାଶର ଭିତ୍ତିରେ ସମ୍ପର୍କକୁ ଆଗକୁ ବଢ଼ାଇଛି। ଆଜି ଦକ୍ଷିଣ ଏସିଆରେ ଭାରତର ନେତୃତ୍ୱ ଅଧିକ ସୁଦୃଢ଼ ହୋଇପାରିଛି।

ଆକ୍ଟ ଇଷ୍ଟରୁ ଇଣ୍ଡୋ-ପାସିଫିକ ପର୍ଯ୍ୟନ୍ତ :ପୂର୍ବ ଏସିଆ ସହ ଭାରତର ସମ୍ପର୍କକୁ ଅଧିକ ଗତିଶୀଳ କରିବା ପାଇଁ "Look East Policy" କୁ "Act East Policy" ରେ ପରିଣତ କରାଗଲା। ଆସିଆନ ଦେଶମାନଙ୍କ ସହ ଅର୍ଥନୈତିକ, ସାଂସ୍କୃତିକ ଓ ସାମରିକ ସମ୍ପର୍କର ବିସ୍ତାର ଘଟିଲା।

ଜାପାନ ସହ କୌଶଳଗତ ସହଯୋଗ, ଅଷ୍ଟ୍ରେଲିଆ ସହ ପ୍ରତିରକ୍ଷା ଓ ସାମୁଦ୍ରିକ ସୁରକ୍ଷା ସମ୍ପର୍କ, ଏବଂ ଆମେରିକା ସହ ଇଣ୍ଡୋ-ପାସିଫିକ ଅଞ୍ଚଳରେ ସହଯୋଗ ଭାରତକୁ ଏହି ଅଞ୍ଚଳର ଏକ ମୁଖ୍ୟ ଶକ୍ତିରେ ପରିଣତ କରିଛି।

"QUAD" ମଞ୍ଚରେ ଭାରତର ସକ୍ରିୟ ଭୂମିକା ଭାରତର କୌଶଳଗତ ଦୃଷ୍ଟିକୋଣକୁ ସ୍ପଷ୍ଟ କରିଛି। ଇଣ୍ଡୋ-ପାସିଫିକ ଅଞ୍ଚଳରେ ମୁକ୍ତ, ଉନ୍ମୁକ୍ତ ଓ ନିୟମ-ଆଧାରିତ ବ୍ୟବସ୍ଥା ପାଇଁ ଭାରତର ଭୂମିକା ଆଜି ବିଶ୍ୱ ଦ୍ୱାରା ସ୍ୱୀକୃତ।

**ଆମେରିକା ସହ ସମ୍ପର୍କ:** ଏକ ନୂତନ ଶିଖର:ଗତ ୧୨ ବର୍ଷ ମଧ୍ୟରେ ଭାରତ-ଆମେରିକା ସମ୍ପର୍କ ଅଭୂତପୂର୍ବ ଭାବେ ଶକ୍ତିଶାଳୀ ହୋଇଛି। ପ୍ରତିରକ୍ଷା, ପ୍ରଯୁକ୍ତି, ବାଣିଜ୍ୟ, ମହାକାଶ ଏବଂ ଉର୍ଜା କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ବଢ଼ିଛି।

ଭାରତ ଆଜି ଆମେରିକା ପାଇଁ କେବଳ ଏକ ମିତ୍ର ଦେଶ ନୁହେଁ, ବରଂ ଏକ କୌଶଳଗତ ଭାଗୀଦାର। ଉଚ୍ଚ ପ୍ରଯୁକ୍ତି, ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା ଓ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ହୋଇଥିବା ସହଯୋଗ ଭବିଷ୍ୟତର ଭାରତକୁ ଅଧିକ ଶକ୍ତିଶାଳୀ କରିବାର ମାର୍ଗ ପ୍ରସ୍ତୁତ କରିଛି।

ରୁଷ ସହ ପାରମ୍ପରିକ ମିତ୍ରତାର ସନ୍ତୁଳନ :ଭାରତର ବୈଦେଶିକ ନୀତିର ସବୁଠାରୁ ବଡ଼ ସଫଳତା ହେଉଛି ତାହାର ସନ୍ତୁଳିତ ଆଭିମୁଖ୍ୟ। ଏକ ପଟେ ଭାରତ ଆମେରିକା ସହ ସମ୍ପର୍କକୁ ମଜବୁତ କରିଛି, ଅନ୍ୟ ପଟେ ରୁଷ ସହ ପାରମ୍ପରିକ ମିତ୍ରତାକୁ ମଧ୍ୟ ଅକ୍ଷୁଣ୍ଣ ରଖିଛି।

ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ଭାରତ କୌଣସି ଶିବିରରେ ନ ରହି ନିଜ ଜାତୀୟ ସ୍ୱାର୍ଥ ଓ ବିଶ୍ୱ ଶାନ୍ତିର ପକ୍ଷରେ ଏକ ସନ୍ତୁଳିତ ଭୂମିକା ଗ୍ରହଣ କରିଥିଲା। ଏହା ଭାରତର ସ୍ୱାଧୀନ ଓ ପରିପକ୍ୱ ବୈଦେଶିକ ନୀତିର ପ୍ରତୀକ।

ଚୀନକୁ ନେଇ ଦୃଢ଼ ଆଭିମୁଖ୍ୟ :ଗଲୱାନ ଘଟଣା ପରେ ଭାରତ ଚୀନ ସମ୍ମୁଖରେ ନିଜର ଦୃଢ଼ ସ୍ଥିତି ପ୍ରଦର୍ଶନ କରିଛି। ସୀମା ସୁରକ୍ଷାରେ ଅଧିକ ବିନିଯୋଗ, ସଡ଼କ ଓ ଭିତ୍ତିଭୂମିର ବିକାଶ, ସେନାର ଆଧୁନିକୀକରଣ ଏବଂ କୂଟନୈତିକ ସ୍ତରରେ ଚୀନ ସହ ସ୍ପଷ୍ଟ ସଂଳାପ ଭାରତର ଜାତୀୟ ସୁରକ୍ଷାକୁ ମଜବୁତ କରିଛି।

ଭାରତ ଏହା ସ୍ପଷ୍ଟ କରିଦେଇଛି ଯେ ଶାନ୍ତି ଓ ସହଯୋଗର ପକ୍ଷପାତୀ ହେଲେ ମଧ୍ୟ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ସହ କୌଣସି ପ୍ରକାର ସମଝୌତା କରାଯିବ ନାହିଁ।

ମଧ୍ୟପ୍ରାଚ୍ୟରେ ଭାରତର କୂଟନୈତିକ ଚମତ୍କାର :ଗତ ୧୨ ବର୍ଷରେ ଭାରତର ମଧ୍ୟପ୍ରାଚ୍ୟ ନୀତି ଏକ ଅସାଧାରଣ ସଫଳତାର କାହାଣୀ। ସୌଦି ଆରବ, ୟୁଏଇ, କତାର, ଓମାନ ଓ ବାହାରିନ ସହ ସମ୍ପର୍କ ନୂତନ ଉଚ୍ଚତାକୁ ପହଞ୍ଚିଛି।

ୟୁଏଇ ଆଜି ଭାରତର ଏକ ପ୍ରମୁଖ ଅର୍ଥନୈତିକ ଭାଗୀଦାର। ଦୁଇ ଦେଶ ମଧ୍ୟରେ ବ୍ୟାପକ ଆର୍ଥିକ ସହଯୋଗ ଚୁକ୍ତି ବାଣିଜ୍ୟକୁ ନୂତନ ଗତି ଦେଇଛି। ଇସ୍ରାଏଲ ଓ ଆରବ ଦେଶମାନଙ୍କ ସହ ସମାନ ଭାବରେ ସମ୍ପର୍କ ରଖିବା ଭାରତର କୂଟନୈତିକ ପରିପକ୍ୱତାର ଏକ ଉଜ୍ଜ୍ୱଳ ଉଦାହରଣ।

**ଜି-୨୦ ଅଧ୍ୟକ୍ଷତା:** ବିଶ୍ୱ ମଞ୍ଚରେ ଭାରତର ନେତୃତ୍ୱ :ଭାରତର ଜି-୨୦ ଅଧ୍ୟକ୍ଷତା ଏହି ୧୨ ବର୍ଷର ବୈଦେଶିକ ନୀତିର ସବୁଠାରୁ ଉଜ୍ଜ୍ୱଳ ଅଧ୍ୟାୟ ଭାବେ ପରିଗଣିତ ହେବ। "ବସୁଧୈବ କୁଟୁମ୍ବକମ୍ - ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ"ର ମନ୍ତ୍ର ସହ ଭାରତ ବିଶ୍ୱକୁ ଏକତାର ସନ୍ଦେଶ ଦେଇଥିଲା।

ଜି-୨୦ ଶିଖର ସମ୍ମିଳନୀରେ ସମ୍ମତି ଘୋଷଣାପତ୍ର ଗ୍ରହଣ, ଆଫ୍ରିକୀୟ ସଂଘକୁ ସ୍ଥାୟୀ ସଦସ୍ୟତା ପ୍ରଦାନ ଏବଂ ବିକାଶଶୀଳ ଦେଶମାନଙ୍କ ସ୍ୱରକୁ ପ୍ରମୁଖତା ଦେବା ଭାରତର ବିଶ୍ୱ ନେତୃତ୍ୱର ପ୍ରମାଣ।

ଗ୍ଲୋବାଲ ସାଉଥର ସ୍ୱର ଭାବେ ଭାରତ :ଆଜି ଭାରତ ବିକାଶଶୀଳ ଦେଶମାନଙ୍କର ପ୍ରମୁଖ ପ୍ରତିନିଧି। ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ସୁରକ୍ଷା, ଋଣ ସଙ୍କଟ, ଡିଜିଟାଲ ପୃଷ୍ଠା➡୭

ରାଜେଶ କୁମାର ମହାନ୍ତି

# ପୁରୀ ହିଁ ବିଶ୍ୱର ଏକମାତ୍ର 'ଶ୍ରୀଜଗନ୍ନାଥ ଧାମ: ମୁଖ୍ୟମନ୍ତ୍ରୀ






- ଦିଘାରୁ ହଟିଲା 'ଧାମ' ଶବ୍ଦ: ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ଗଣସମ୍ବର୍ଦ୍ଧନା
- ପୁରୀ ଟାଉନ ହଲ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା
- ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶାସକ ନୁହେଁ, ମହାପ୍ରଭୁ ହିଁ ପ୍ରକୃତ ରାଜା

ପୁରୀ: ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପୁରୀ ଟାଉନ ହଲ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଭବ୍ୟ ଗଣସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। 'ଶ୍ରୀ ଜଗନ୍ନାଥ ଭକ୍ତ ସେବା ସଂସ୍ଥାନ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟ ସାଧୁ-ସନ୍ଥ, ଶ୍ରୀମନ୍ଦିରର ସେବାୟତ ମଣ୍ଡଳୀ ଏବଂ ହଜାର ହଜାର ଜଗନ୍ନାଥପ୍ରେମୀ ଭକ୍ତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ସାଦର ସମ୍ବର୍ଦ୍ଧିତ କରିଥିଲେ ।

ପଶ୍ଚିମବଙ୍ଗର ଦିଘା ଜଗନ୍ନାଥ ମନ୍ଦିର ନାମରୁ 'ଧାମ' ଶବ୍ଦ ହଟାଇବା ପାଇଁ ମୁଖ୍ୟମନ୍ତ୍ରୀ କରିଥିବା ସଫଳ ଓ ଐତିହାସିକ ହସ୍ତକ୍ଷେପ ପାଇଁ ସଂସ୍ଥାନ ପକ୍ଷରୁ ତାଙ୍କୁ ଗଭୀର କୃତଜ୍ଞତା ପ୍ରକାଶ କରାଯାଇ ଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରି କହିଥିଲେ ଯେ, ସନାତନ ସଂସ୍କୃତି ଓ ଶାସ୍ତ୍ରୀୟ ବିଧିବିଧାନ ଅନୁଯାୟୀ ସମଗ୍ର ବିଶ୍ୱରେ କେବଳ 'ପୁରୀ' ହିଁ ଏକମାତ୍ର ଶ୍ରୀଜଗନ୍ନାଥ ଧାମ। ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ରତା ରହିଛି। ଆମ ସରକାର ଶ୍ରୀ ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ପ୍ରସାର, ଏବଂ ଶ୍ରୀ ମନ୍ଦିରର ଶାସ୍ତ୍ରୀୟ ପରମ୍ପରାର ସଂରକ୍ଷଣ ପାଇଁ ରାଜ୍ୟ ସରକାର ସତର୍କ ପ୍ରହରୀ ସଦୃଶ ଜଗିକି ରହିବେ ବୋଲି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆଶ୍ୱସ୍ତ କରିଥିଲେ।

ସୂଚନାଯୋଗ୍ୟ, ପଶ୍ଚିମବଙ୍ଗର ଦିଘାଠାରେ ନିର୍ମିତ ମନ୍ଦିର ପାଇଁ 'ଧାମ' ଶବ୍ଦର ବ୍ୟବହାର ଓଡ଼ିଆ ଜାତିର ଆଧ୍ୟାତ୍ମିକ ଭାବନାକୁ ଆଘାତ ଦେଇଥିଲା। ଏହି ସଂବେଦନଶୀଳ ପ୍ରସଙ୍ଗରେ ଓଡ଼ିଶା ସରକାର ଦୃଢ଼ ହସ୍ତକ୍ଷେପ କରିବା ସହ ସାଂସଦ ଶ୍ରୀ ସମ୍ବିତ ପାତ୍ରଙ୍କ ମାଧ୍ୟମରେ ପଶ୍ଚିମବଙ୍ଗର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାର ସକାରାତ୍ମକ ପ୍ରଭାବ ସ୍ୱରୂପ ପଶ୍ଚିମବଙ୍ଗ ସରକାର ଦିଘା ଜଗନ୍ନାଥ ମନ୍ଦିର ନାମରୁ 'ଧାମ' ଶବ୍ଦକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁମାନେ ମହାପ୍ରଭୁଙ୍କୁ ନେଇ ରାଜନୀତି କିମ୍ବା ଅହଂକାର କରିଛନ୍ତି, ସେମାନେ ନିର୍ବାଚନରେ ତାର ଫଳ ଭୋଗିଛନ୍ତି, କାରଣ କାଳିଆ ସାଆନ୍ତଙ୍କ ପାଖରେ ଅହଂକାରର କୌଣସି ସ୍ଥାନ ନାହିଁ।

ଏହି ଅବସରରେ 'ଓଡ଼ିଆ ଅସ୍ମିତା'ର ସରକାର ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରର ଶାସ୍ତ୍ରୀୟ ପରମ୍ପରା ରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି। ସରକାର ଗଠନର ପ୍ରଥମ ଦିନରୁ ଶ୍ରୀମନ୍ଦିରର ଚାରିଦ୍ୱାର ଭକ୍ତଙ୍କ ପାଇଁ ଉନ୍ମୁକ୍ତ କରିବା ଏବଂ ପବିତ୍ର ରତ୍ନଭଣ୍ଡାରର ଗଣତି ମଣତି ପାଇଁ ପଦକ୍ଷେପ ନେବା ସରକାରଙ୍କ ଆନ୍ତରିକତାକୁ ଦର୍ଶାଏ ବୋଲି ସେ ପ୍ରକାଶ କରିଛନ୍ତି। ଏହା ସହିତ ଗରିବ ଓ ବରିଷ୍ଠ ନାଗରିକମାନଙ୍କୁ ନିଶୁଳ୍କ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରାଇବା ପାଇଁ ଆରମ୍ଭ ହୋଇଥିବା "ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା" ମାଧ୍ୟମରେ ଅନେକ ଭକ୍ତ ଉପକୃତ ହୋଇସାରିଥିବା ସେ ସୂଚନା ଦେଇଛନ୍ତି।

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶାସକ ନୁହେଁ, ବରଂ ସ୍ୱୟଂ ମହାପ୍ରଭୁ ହିଁ ପ୍ରକୃତ ରାଜା ଏବଂ ମୁଖ୍ୟମନ୍ତ୍ରୀ ଆସନ କ୍ଷମତାର ପ୍ରତୀକ ନୁହେଁ ବରଂ ଜନସେବାର ଏକ ମାଧ୍ୟମ ବୋଲି ସେ ଭାବବିହ୍ୱଳ ହୋଇ କହିଛନ୍ତି। ପଶ୍ଚିମବଙ୍ଗର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀ ଓଡ଼ିଶାବାସୀ ଓ ଶ୍ରୀମନ୍ଦିର ସେବାୟତଙ୍କ ଭାବନାକୁ ସମ୍ମାନ ଜଣାଇ ତୁରନ୍ତ "ଧାମ" ଶବ୍ଦ ପ୍ରତ୍ୟାହାର କରିବାକୁ ଘୋଷଣା କରିଛନ୍ତି। ଦୁଇ ପଡ଼ୋଶୀ ରାଜ୍ୟର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଓ ସକାରାତ୍ମକ ପଦକ୍ଷେପ ଯୋଗୁଁ ଆଜି ଜଗନ୍ନାଥ ସଂସ୍କୃତିର ପ୍ରାଚୀନ ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବା ସହ ଆନ୍ତଃ-ରାଜ୍ୟ ସାଂସ୍କୃତିକ ସମନ୍ୱୟର ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି ହୋଇଛି। ସଂସ୍ଥାନର ସଭାପତି ଶ୍ରୀ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସାଧାରଣ ସମ୍ପାଦକ ଶ୍ରୀ ସୌମେନ୍ଦ୍ର ଦାସ ଏବଂ ସେବାୟତମାନଙ୍କ ପୃଷ୍ଠା➡୭



ତୃତୀୟ ଭଉଁରେ ସ୍ଥାପନ ହେଲା ତିନି ରଥର ଏକ ନମ୍ବର ବଡ଼ ଥଳ ପୋଟଳ

## ରଥ କାମ ଅଧାରୁ ବନ୍ଦ କଲେ ବିଶ୍ୱକର୍ମା ମହାରଣା

ପୁରୀ: ବିବାଦପାଇଁ ରଥ କାମ ଅଧାରୁ ବନ୍ଦ କଲେ ତିନି ରଥର ବିଶ୍ୱକର୍ମା ମହାରଣା । ରଥଖଳାରେ ରଥ ନିର୍ମାଣ ବନ୍ଦ କଲେ ରଥ ବିଶ୍ୱକର୍ମା ମହାରଣା । ସ୍ୱତ୍ୱଲିପି ଆଧାରରେ ମହାରଣାଙ୍କ ଖେଇକୁ ନେଇ ହୋଇଛି ବିବାଦ। ଚିରଟ କାଠ, ଖେଇକୁ ନେଇ ବିବାଦ ଦେଖାଦେଇଛି। ପ୍ରତ୍ୟେକ ଦିନ ସକାଳ ୮ ଟାରୁ ୯ଟା ମଧ୍ୟରେ ଉପସ୍ଥାନ ଦେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତି ମହାରଣା ଓ ଅନ୍ୟ ସେବକ । ଆଜି ୫୮ ଦିନରେ ରଥ କାର୍ଯ୍ୟ ପହଁଚିଛି । ତେବେ ଆଜି ବର୍ତ୍ତମାନ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ ରଥ ନିର୍ମାଣକାମ ।

ସମାଧାନ ନହେବା ଯାଏଁ କାମ ଆରମ୍ଭ ନ କରିବାକୁ ଚେତାବନୀ ରଥ ତତ୍ତ୍ୱାବଧାରକ ଆସି ବିଶ୍ୱକର୍ମା ସେବକଙ୍କ ସହ ଆଲୋଚନା କରିଥିଲେ ବି ନିଜ ଜିଦ୍‌ରେ ଅଟଳ ରହିଛନ୍ତି ତିନି ରଥର ମୁଖ୍ୟ ମହାରଣା । ସମାଧାନ ନହେବା ଯାଏଁ କାମ ଆରମ୍ଭ ନ କରିବାକୁ ଚେତାବନୀ ଦେଇଛନ୍ତି ।ମହାରଣାଙ୍କ କହିବା ଅନୁସାରେ ସ୍ୱତ୍ୱଲିପି ଅନୁଯାୟୀ ସେମାନେ ୪ ଫୁଟରୁ କମ୍ ବଳକା କାଠ ସେମାନେ ଖେଇ ବା ପ୍ରାପ୍ୟ ହିସାବରେ ନେଇଥାନ୍ତି



। କିନ୍ତୁ ଚିରଟ କାଠରେ ଯେକୌଣସି ମାପ ବଳକା କାଠକୁ ନେଇଥାନ୍ତି ମହାରଣା । ତେବେ ଏହା ନନେବାକୁ ବାରଣ କରି ଶ୍ରୀମନ୍ଦିର ପ୍ରଶାସନ ନୋଟିସ୍ ଜାରି କରିବା ପରେ ଦେଖାଦେଇଛି ବିବାଦ ।

### ପାଞ୍ଚ ଦିନ ଧରି ପୁରୀରେ ଭାରତର ଆତ୍ମାର ମହୋତ୍ସବ

## ଜାତୀୟ କୃଷିମେଳା ସଂସ୍କୃତି, ଜନଜାତି ଐତିହ୍ୟ ଓ କୃଷି ନବୋନ୍ମେଷର ଐତିହାସିକ ମହାକୁମ୍ଭ





ପୁରୀ: ମହୋଦଧିର ଗର୍ଜନ, ସମୁଦ୍ର ପବନର ସ୍ପର୍ଶ ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର କଳାକାର, କୃଷକ, ହସ୍ତଶିଳ୍ପୀ, ଗବେଷକ ଓ ସଂସ୍କୃତିପ୍ରେମୀଙ୍କ ଉପସ୍ଥିତିରେ ଗତ ପାଞ୍ଚ ଦିନ ଧରି ପୁରୀର ଗୋଲ୍ଡେନ ସି ବିଚ୍ ପ୍ରାଙ୍ଗଣ ଭାରତର ବିବିଧତା, ଏକତା ଓ ଜୀବନ୍ତ ପରମ୍ପରାର ଏକ ଅନନ୍ୟ ମଞ୍ଚରେ ପରିଣତ ହୋଇଥିଲା। ଶ୍ରୀକ୍ଷେତ୍ର ସୂଚନା, ପୁରୀ ପକ୍ଷରୁ ଆୟୋଜିତ ୨୪ତମ ଜାତୀୟ ଲୋକମେଳା- ୨୦୨୬ ଓ ୧୭ତମ ଜାତୀୟ କୃଷିମେଳା- ୨୦୨୬ କେବଳ ଏକ ମେଳା ନୁହେଁ, ବରଂ ଭାରତର ସାଂସ୍କୃତିକ ଆତ୍ମା, ଜନଜାତି ଐତିହ୍ୟ ଓ କୃଷି ସଭ୍ୟତାର ଏକ ବିରାଟ ଜାତୀୟ ଉତ୍ସବ ଭାବେ ପରିଗଣିତ ହୋଇଛି।

୧ ଜୁନରେ ଭବ୍ୟ ଉଦ୍‌ଘାଟନ ସହ ଆରମ୍ଭ ହୋଇଥିବା ଏହି ପଞ୍ଚଦିବସୀୟ ମହୋତ୍ସବରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଲୋକ ଓ ଜନଜାତି କଳାକାରମାନେ ନିଜ ନିଜ ପରମ୍ପରାକୁ ଜୀବନ୍ତ ଭାବେ ଉପସ୍ଥାପନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ, ବେଦପାଠ ଓ ମଙ୍ଗଳାଚରଣ ମାଧ୍ୟମରେ ଆରମ୍ଭ ହୋଇଥିବା ଏହି ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ, ରାଜ୍ୟସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ, ଲୋକସଭା ସଦସ୍ୟ ଡ଼. ବିଭୁ ପ୍ରସାଦ ତରାଇ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗଦେଇଥିଲେ। ସମସ୍ତେ ଏକ ସ୍ୱରରେ କହିଥିଲେ ଯେ ଲୋକମେଳା ଓ କୃଷିମେଳା ଭାରତର ମୂଳ ଚେତନାକୁ ସୁରକ୍ଷିତ ରଖିବାର ଏକ ଅନନ୍ୟ ଜାତୀୟ ଆନ୍ଦୋଳନ। ଶ୍ରୀକ୍ଷେତ୍ର ସୂଚନାର ଅଧ୍ୟକ୍ଷ ତଥା ପୂର୍ବତନ କୁଳପତି ଆଚାର୍ଯ୍ୟ ହରେକୃଷ୍ଣ ଶତପଥୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଗତ ୨୪ ବର୍ଷ ଧରି ଲୋକମେଳା ଭାରତର ଆଦିବାସୀ ଓ ଲୋକ ସଂସ୍କୃତିକୁ ଜାତୀୟ ସ୍ୱୀକୃତି ଦେବାରେ ସଫଳ ହୋଇଛି, ଯେତେବେଳେ କୃଷିମେଳା କୃଷକ, ଗବେଷକ ଓ କୃଷି ଉଦ୍ୟୋଗୀଙ୍କୁ ଏକତ୍ର କରି ଜ୍ଞାନ ଓ ପ୍ରଯୁକ୍ତି ବିନିମୟର ମଞ୍ଚ ସୃଷ୍ଟି କରିଛି। ସାଧାରଣ ସମ୍ପାଦକ ଶ୍ରୀ ରାଜେଶ କୁମାର ମହାନ୍ତି ଶ୍ରୀକ୍ଷେତ୍ର ସୂଚନାର ସାମାଜିକ, ସାଂସ୍କୃତିକ ଓ କୃଷି କ୍ଷେତ୍ରରେ ଦୀର୍ଘଦିନର ଅବଦାନ ଉପରେ ଆଲୋକପାତ କରିଥିଲେ। ମେଳାର ପ୍ରତ୍ୟେକ ସନ୍ଧ୍ୟା ଭାରତର ବିବିଧ ସଂସ୍କୃତିର ଏକ ନୂଆ ଅଧ୍ୟାୟ ରଚନା କରିଥିଲା। ରାଜସ୍ଥାନର କାଲବେଲିଆ, ପଶ୍ଚିମବଙ୍ଗର ପୁରୁଲିଆ ପୃଷ୍ଠା➡୭

## ଜୁନ୍ ୨୨ ପର୍ଯ୍ୟନ୍ତ ଟେଲିଗ୍ରାମ୍ ବନ୍ଦ

ନୂଆଦିଲ୍ଲୀ: ଜୁନ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିଟ୍-ୟୁଜି ୨୦୨୬ ପୁନଃପରୀକ୍ଷାର ସ୍ୱଚ୍ଛତା ଓ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଟେଲିଗ୍ରାମ୍ ଉପରେ ଜୁନ ୨୨ ପର୍ଯ୍ୟନ୍ତ ଅସ୍ଥାୟୀ ନିଷେଧାଜ୍ଞା ଜାରି କରିଛନ୍ତି।

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଜାରି ଏକ ପ୍ରେସ୍ ବିବୃତି ଅନୁଯାୟୀ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରାଳୟ (ଏମ୍‌ଇଆଇଟିୱାଇ) ଦ୍ୱାରା ମେସେଜିଂ ଆପ୍ ଉପରେ ଲାଗୁ ହୋଇଥିବା ଅସ୍ଥାୟୀ ପ୍ରତିବନ୍ଧକକୁ ଏଜେନ୍ସି ସ୍ୱାଗତ କରିଛି। ଭାରତରେ ସୂଚନା ପ୍ରଯୁକ୍ତିବିଦ୍ୟା ଅଧିନିୟମ, ୨୦୦୦ର ଧାରା ୬୯ଏ ଅନୁଯାୟୀ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଏହି ମେସେଜିଂ ଆପ୍ ୨୨ ଜୁନ୍ ପର୍ଯ୍ୟନ୍ତ ପ୍ରତିବନ୍ଧିତ ହୋଇଛି। ଏହି କଟକଣା ନିଟ୍ (ୟୁଜି)

### ନିଟ୍ ପୁନଃପରୀକ୍ଷା ପୂର୍ବରୁ କଟକଣା

୨୦୨୬ ପୁନଃପରୀକ୍ଷା ଦିନ ଓ ଏହାର ପରବର୍ତ୍ତୀ ଦିନକୁ ଅନ୍ତର୍ଭୁକ୍ତ କରିବ। ଭାରତରେ ୩୦ ଜୁନ୍, ୨୦୨୬ରେ ଶେଷ ହେଉଥିବା ଏକ ନିର୍ଦ୍ଦିଷ୍ଟ ଅବଧି ନିମନ୍ତେ ପୂର୍ବରୁ ପୋଷ୍ଟ କରାଯାଇଥିବା ମେସେଜ୍ ଓ ମେସେଜ୍ ଏଡିଟିଂ ଫିଚରକୁ ଅଚଳ କରିବା ନିମନ୍ତେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ପ୍ଲାଟ୍‌ଫର୍ମକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ହୋଇଛି ଯେ କେତେକ ଚ୍ୟାନେଲ୍ ପରିଚାଳକ ପୁରୁଣା ବାର୍ତ୍ତାର ସମୟ ସଙ୍କେତ ଅପରିବର୍ତ୍ତିତ ରଖି ପରେ ପ୍ରକୃତ ପ୍ରଶ୍ନପତ୍ର ସଂଯୋଗ କରି ଛାତ୍ରଛାତ୍ରୀଙ୍କୁ ବିଭ୍ରାନ୍ତ କରୁଥିଲେ। ଗୃହ ମନ୍ତ୍ରଣାଳୟ ଅଧୀନ ଭାରତୀୟ ସାଇବର୍ ଅପରାଧ ସମନ୍ୱୟ କେନ୍ଦ୍ର ଏପ୍ରକାର ଠକେଇ ଓ ଭୁଲ୍ ସୂଚନା ବିରୋଧରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନରେ ମୁଖ୍ୟ ଭୂମିକା ଗ୍ରହଣ କରିଛି।

# ଚାନ୍ଦୁଆକୁ ବିଶ୍ୱ ବଜାର ସହ ଯୋଡ଼ିବା ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ପୁରୀ: ଓଡ଼ିଶାର କଳା, ଐତିହ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ପ୍ରତୀକ ପିପିଲି ଚାନ୍ଦୁଆ ଶିଳ୍ପର ବିକାଶ ପାଇଁ ଆଜି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପିପିଲି ତହସିଲ ଅନ୍ତର୍ଗତ ଜଗନ୍ନାଥପୁର ମୌଜାରେ ୫ ଏକରରୁ ଅଧିକ ଜମି ଉପରେ ଏକ ଅତ୍ୟାଧୁନିକ 'ପିପିଲି ଚାନ୍ଦୁଆ ହସ୍ତଶିଳ୍ପ ହବ୍' ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି।

**୮୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବ ୫ ମହଲା ବିଶିଷ୍ଟ ଅତ୍ୟାଧୁନିକ ଚାନ୍ଦୁଆ ବଜାର**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପ୍ରାୟ ୮୦ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଶିଳାନ୍ୟାସ ଅବସରରେ ଉଦ୍‌ବୋଧନ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପିପିଲି ଚାନ୍ଦୁଆ କେବଳ ଏକ ହସ୍ତଶିଳ୍ପ ନୁହେଁ, ଏହା ଓଡ଼ିଆ ଜାତିର ସ୍ୱାଭିମାନ ଓ 'ଓଡ଼ିଆ ଅସ୍ମିତା'ର ପରିଚୟ। ଏହି କଳା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ଓ ରଥଯାତ୍ରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବିଗତ ସରକାରଗୁଡ଼ିକର ଅଦୂରଦର୍ଶିତା ଯୋଗୁଁ ଏହି ବିଶ୍ୱପ୍ରସିଦ୍ଧ କାରିଗରମାନେ ବର୍ଷ ବର୍ଷ ଧରି ନିଜର ହକ୍‌ରୁ ବଞ୍ଚିତ ହେଉଥିଲେ । ଏହି ଶିଳାନ୍ୟାସ ସେହି ସ୍ୱାର୍ଥପର ରାଜନୀତି ବିରୁଦ୍ଧରେ ଏକ ଦୃଢ଼ ଜବାବ ବୋଲି ମତଦେଇ ଆମ ସରକାର କେବଳ ଶିଳାନ୍ୟାସ କରେନାହିଁ, ବରଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ କରି ଉଦ୍‌ଘାଟନ କରିବାର ରେକର୍ଡ ରଖିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ, ପାଞ୍ଚ ମହଲା ବିଶିଷ୍ଟ ନିର୍ମାଣ ହେବାକୁ




ଥିବା ଏହି ସମନ୍ୱିତ "କ୍ରାଫ୍ଟ, କଲ୍‌ଚର ଆଣ୍ଡ ଟୁରିଜମ୍ ହବ୍"ରେ ୫୦ଟି ବ୍ୟବସାୟିକ ଦୋକାନ, ୬ଟି ସରକାରୀ ସୋ-ରୁମ୍, ଲାଇଭ୍ ଡେମୋନଷ୍ଟ୍ରେସନ୍ କେନ୍ଦ୍ର, ଟ୍ରେନିଂ ସେଣ୍ଟର, ଅଡିଓ-ଭିଜୁଆଲ୍ ଗ୍ୟାଲେରୀ, ମୁକ୍ତ ଆକାଶ ରଙ୍ଗମଞ୍ଚ, ଓଡ଼ିଆ ଫୁଡ୍ କୋର୍ଟ ଭଳି ସମସ୍ତ ଅତ୍ୟାଧୁନିକ ସୁବିଧା ରହିବ। ଏଠାରେ ଚାନ୍ଦୁଆ ସମେତ ଓଡ଼ିଶାର ସମସ୍ତ ୬୪ଟି ଅନୁମୋଦିତ ହସ୍ତଶିଳ୍ପ ଏବଂ ୬ଟି ଜି.ଆଇ. ମାନ୍ୟତାପ୍ରାପ୍ତ କଳାର ପ୍ରଦର୍ଶନ ଓ ବିକ୍ରୟ କରାଯିବ।

ପିପିଲି ବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରକଳ୍ପ ଦ୍ୱାରା ପିପିଲି ଓ ଆଖପାଖ ଅଞ୍ଚଳର ୬ ହଜାରରୁ ଅଧିକ କାରିଗର ସିଧାସଳଖ ଉପକୃତ ହେବେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଭୋକାଲ ଫର ଲୋକାଲ' ମନ୍ତ୍ରରେ ଅନୁପ୍ରାଣିତ ହୋଇ ପିପିଲି ଚାନ୍ଦୁଆକୁ ବିଶ୍ୱ ବଜାର ସହ ଯୋଡ଼ିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ୨୦୩୬ ଓଡ଼ିଶା ଗଠନର ଶତବାର୍ଷିକୀ ଓ ୨୦୪୭ ସ୍ୱାଧୀନତାର ଶତବର୍ଷ ପୂର୍ତ୍ତିକୁ ଆଖି ଆଗରେ ରଖି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଏହି ହବ୍ ଏକ ମାଇଲଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଚାନ୍ଦୁଆ ଶିଳ୍ପୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସମ୍ମାନିତ କରିଥିଲେ। ଅନ୍ୟତମ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ପିପିଲି ଚାନ୍ଦୁଆ ହେଉଛି ଓଡ଼ିଶାର ଗର୍ବ ଓ ଗୌରବ। ଏହା ଆମ ପାରମ୍ପରିକ ଐତିହ୍ୟର ସୌରଭ। ଆମ ଅସ୍ମିତାର ନିଦର୍ଶନ ବୋଲି ସେ କହିଥିଲେ।

ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ପିପିଲି ବାସୀଙ୍କର ବହୁ ଦିନର ଆଶା ପୂରଣ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ସହିତ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପର ସାମଗ୍ରିକ ବିକାଶ ସହିତ ଓଡ଼ିଶାର ଆର୍ଥିକ ବ୍ୟବସ୍ଥାର ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ପ୍ରଚେଷ୍ଟାରେ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ପିପିଲି ବାସୀଙ୍କୁ ଏହି ଅମୂଲ୍ୟ ଭେଟି ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଶ୍ରୀ ଓମ୍ ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଏବଂ ଜିଲ୍ଲାପାଳ ପୁରୀ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

**ରଥଯାତ୍ରା ଅବସରରେ ନଗର ଉନ୍ନୟନ ବିଭାଗର ସମୀକ୍ଷା ବୈଠକ**

# ପରିବେଶ ଅସ୍ୱଚ୍ଛ କଲେ ଫାଇନ କରାଯିବ



ପୁରୀ: ରଥଯାତ୍ରା ସମୟରେ ସ୍ୱଚ୍ଛତାକୁ ସର୍ବାଧିକ ଅଗ୍ରାଧିକାର ଦିଆଯିବ। ସ୍ୱଚ୍ଛତା ନିୟମ କେହି ଉଲ୍ଲଂଘନ କରୁଥିଲେ ଜରିମାନା ଆଦାୟ ହେବ। ଲଗାତାର ଚଢ଼ଉ କରାଯିବ। ଏନଫୋର୍ସମେଣ୍ଟ ଟିମ୍ ସ୍ୱଚ୍ଛତା ସହ ଜବରଦଖଲ ଉଚ୍ଛେଦକୁ ସର୍ବାଧିକ ଗୁରୁତ୍ୱ ଦେବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରଥଯାତ୍ରା ସୁପରିଚାଳନା ପାଇଁ ସର୍କିଟ ହାଉସରେ ହୋଇଥିବା ବୈଠକରେ ଏ ସମସ୍ତ ଦିଗକୁ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ହୋଇଛି। ରଥଯାତ୍ରାରେ ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ।ଏହାକୁ ସମ୍ମିଳିତ ଭାବେ କାର୍ଯ୍ୟ କରି,ଉନ୍ନତ ସେବା ଯୋଗାଇ ଶୃଙ୍ଖଳିତ ରଥଯାତ୍ରାକୁ ସଫଳ କରିବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ଅବସରରେ ବଡଦାଣ୍ଡ ଓ ପୁରୀ ସହରରେ ଗ୍ରହଣ କରାଯାଇଥିବା ଓ ରଥଯାତ୍ରା ପାଇଁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ। ସହରକୁ ସଫା ସୁତୁରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା,ଶୌଚାଳୟ ବ୍ୟବସ୍ଥା କରିବା,ପାର୍କିଂ, ଆଲୋକିକରଣ ଇତ୍ୟାଦି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା କାର୍ଯ୍ୟସୂଚୀ ଅନୁସାରେ ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକ ମାନଙ୍କୁ ସଚେତନ କରାଯିବ। କେହି ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କରୁଥିଲେ ତାଙ୍କୁ ଫାଇନ କରାଯିବ। ଲଗାତାର ଏନଫୋର୍ସମେଣ୍ଟ କରାଯିବ,୩୦ ଜୁନ ସୁଦ୍ଧା ସମସ୍ତ ଡ୍ରେନ ରେ ସ୍ଲାବ ପଡିବ, ଜବରଦଖଲ ଉଚ୍ଛେଦ ସହ ସ୍ୱଚ୍ଛତା ପ୍ରତି ଏନଫୋର୍ସମେଣ୍ଟ ଟିମ ଦୃଷ୍ଟି ଦିଆଯିବ। ଅଧିକ ଲୋକ ଲଗାଯାଇ ପୁରା ସହରକୁ ନିରବଚ୍ଛିନ୍ନ ପରିଷ୍କାର ପରିଚ୍ଛନ୍ନତା ରଖାଯିବ । ପାର୍କିଂ ସ୍ଥଳ ଉନ୍ନତି ସହ ସେଠାରେ ଡ୍ରାଇଭର ବିଶ୍ରାମ ସ୍ଥାନ, ରଥଯାତ୍ରାରେ ଅଧିକ ଶୌଚାଳୟର ବ୍ୟବସ୍ଥା କରାଯିବ। ଚଳିତ ରଥଯାତ୍ରାରେ ବଡଦାଣ୍ଡରେ ଆଦୌ ରନ୍ଧା ଖାଦ୍ୟ ଦିଆଯିବ ନାହିଁ।

ସମୀକ୍ଷା ବୈଠକରେ ଏସପି ପ୍ରତୀକ ସିଂ,ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ,ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ରାମ ନାରାୟଣ ଗୋଛିକାର,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗ ଦେଇଥିଲେ।ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ, ଜିଲ୍ଲାପାଳ,ମହାନଗର ନିଗମ କମିଶନର, ଯୁଗ୍ମ କମିଶନର ଓ ଅନ୍ୟ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଥିଲେ।

# ରଥଯାତ୍ରା ଅବସରରେ ରେଳବାଇ ପରିଚାଳନା ସମୀକ୍ଷା ବୈଠକ



ପୁରୀ: ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ରେଳବାଇର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ସମୟରେ ରେଳବାଇର ବିବିଧ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ଯାତାୟତ ପାଇଁ ରେଳବାଇ ଏକ ପ୍ରମୁଖ ମାଧ୍ୟମ। ତେଣୁ ଯାତ୍ରୀ ସୁବିଧା, ସୁରକ୍ଷା, ବିବିଧ ସୂଚନା ପ୍ରଦାନ, ସେମାନଙ୍କ ରହଣି ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ରେଳବାଇ କର୍ତ୍ତୃପକ୍ଷ ଙ୍କ ର ଆୟୋଜନ ସମ୍ପର୍କରେ ବିଷଦ ଭାବେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଅରୁଣ ବୋଥ୍ରା,କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ, ଆଇଜି ଆରପିଏଫ ଅଶୋକ ବେହେରା,ଏସ ପି ପ୍ରତୀକ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା,ରେଲୱେ ଷ୍ଟେସନ ଡାଇରେକ୍ଟର ପ୍ରମୁଖ ଯୋଗ ଦେଇ ପୁରୀ ଠାରୁ କଟକ,ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡକୁ ଅଧିକ ରେଳ ଚଳାଯିବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ଏହା ଦ୍ୱାରା ଯାତ୍ରୀ ମାନଙ୍କର ଭିଡ ହ୍ରାସ ହୋଇ ପାରିବ। ରେଳବାଇ ପକ୍ଷରୁ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ରଥଯାତ୍ରା ଲାଗି ଗ୍ରହଣ କରାଯିବା ପାଇଁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଷ୍ଟେସନ ଡାଇରେକ୍ଟର ସୂଚନା ଦେଇଥିଲେ। ପରେ ସମସ୍ତ ଅଧିକାରୀମାନେ ପୁରୀ ରେଳଷ୍ଟେସନର କ୍ଷେତ୍ର ପରିଦର୍ଶନ କରିଥିଲେ। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ସଚିନ ପାଟିଲ,ସୌମ୍ୟ ରଞ୍ଜନ ମଲ୍ଲିକ, ଦେବୀ ପ୍ରସାଦ ପ୍ରତାପ,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ର, ଅନ୍ୟାନ୍ୟ ପ୍ରଶାସନିକ ଓ ପୋଲିସ ଅଧିକାରୀ, ରେଳବାଇ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମାସିକ ସମୀକ୍ଷା ବୈଠକ

ପୁରୀ: ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିର ର ବରିଷ୍ଠ ଅଧିକାରୀଙ୍କ ସହ ରଥ ନିର୍ମାଣ ସହିତ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ରଥକାଠ ସଂଗ୍ରହ ଓ ପରମ୍ପରା ପ୍ରକାରେ ରଥ ନିର୍ମାଣ ଆଗେଇ ଚାଲିଥିବାରୁ ମୁଖ୍ୟ ପ୍ରଶାସକ ସନ୍ତୋଷ ପ୍ରକାଶ କରିଥିଲେ, କରତ କଳରେ ପହଞ୍ଚିଥିବା ତାଳ କାଠ ଶୀଘ୍ର ଚିରଟ କରି ଅଧିକ ଏକ ସେଟ୍ ଚାର ମାଳ ଗଚ୍ଛିତ ରଖିବାକୁ ଆଦେଶ ଦେଇଥିଲେ। ଶ୍ରୀମନ୍ଦିର ପରିସରରେ ନିର୍ମାଣାଧିନ କୋଇଲି ବୈକୁଣ୍ଠ ଫୁଲ ଗୁଛା ଗୃହ ଶୀଘ୍ର




ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହାପ୍ରଭୁଙ୍କ ବିଭିନ୍ନ ସ୍ଥାନରେ ଥିବା ଜମିର ସୁରକ୍ଷା ପାଇଁ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ପରାମର୍ଶ ଦେବାସହ ଭୁବନେଶ୍ୱର କୋରଡ଼ କଣ୍ଟାରେ ମହାପ୍ରଭୁଙ୍କ ମୂଲ୍ୟବାନ ଜମି ଜବରଦଖଲ ମୁକ୍ତ କରାଯାଇଥିବାରୁ ସନ୍ତୋଷ ବ୍ୟକ୍ତ କରି ଅନ୍ୟାନ୍ୟ ଜବରଦଖଲରେ ଥିବା ଜମିକୁ ତୁରନ୍ତ ପ୍ରଶାସନ ଅଧୀନକୁ ଆଣିବାକୁ ଅନୁରୂପ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ। ଏଥିସହ ଶ୍ରୀମନ୍ଦିର ସମ୍ବନ୍ଧୀୟ ବିଭିନ୍ନ କୋର୍ଟରେ ଥିବା ମାମଲା ଗୁଡ଼ିକର ତାଲିକା ଅଦ୍ୟତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ। ଗତକାଲି ଅପରାହ୍ନରେ ମୁଖ୍ୟ ପ୍ରଶାସକ ଅଧିକାରୀ ମାନଙ୍କ ଗହଣରେ ଶ୍ରୀଗୁଣ୍ଡିଚା ମନ୍ଦିର ଓ ହରଚଣ୍ଡୀ ସାହି ସ୍ଥିତ ସେବାୟତଙ୍କ ବାସଗୃହ ପାଇଁ ନିରୂପିତ ସ୍ଥାନ ପରିଦର୍ଶନ କରିଥିଲେ। ଆଗାମୀ ରଥ ଯାତ୍ରା ନିକଟତର ହୋଇଆସୁଥିବା ଶ୍ରୀଗୁଣ୍ଡିଚା ମନ୍ଦିରର ସମସ୍ତ ନିର୍ମାଣାଧିନ କାର୍ଯ୍ୟ ଜୁନ୍ ୨୦ ତାରିଖ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ।

# ସହକାରୀ ସୂଚନା ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

ପୁରୀ: ସୂଚନା ଓ ଲୋକ ସମ୍ପର୍କ ବିଭାଗରେ କାର୍ଯ୍ୟରତ ସହକାରୀ ସୂଚନା ଅଧିକାରୀ ବା ଏଆଇଓ ରାଜେନ୍ଦ୍ର କୁମାର ପାତ୍ର ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ଶ୍ରୀ ପାତ୍ର ଙ୍କୁ ସମ୍ବର୍ଦ୍ଧିତ



କରିବା ସହ ଶ୍ରୀ ପାତ୍ର ବିଭାଗ ପାଇଁ ଅନେକ କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ। ସରକାର ଓ ସରକାରୀ ଯୋଜନାର ପ୍ରଚାର, ପ୍ରସାର କ୍ଷେତ୍ରରେ ଶ୍ରୀ ପାତ୍ର ବିଭିନ୍ନ ସ୍ଥାନରେ କରି ସଫଳ ହୋଇଛନ୍ତି ବୋଲି ଶ୍ରୀ ସେଠୀ କହିଥିଲେ। ନିଜ ପ୍ରତିକ୍ରିୟାରେ ଶ୍ରୀ ପାତ୍ର ବିଭାଗର କାର୍ଯ୍ୟକୁ ସେ ନିଷ୍ଠା ଓ ଆନ୍ତରିକ ଭାବେ କରିଛନ୍ତି ଓ ନିଜ କାର୍ଯ୍ୟରେ ଆତ୍ମତୃପ୍ତି ପାଇଛନ୍ତି ବୋଲି କହିଥିଲେ।ଏହି ସମ୍ବର୍ଦ୍ଧନାରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ ସେନାପତି, ଗ୍ରନ୍ଥାଗାରିକ ମିନତୀ ଦାସ, ନିକ୍ଷେପକ ପ୍ରସନ୍ନ କୁମାର ସାହୁ, ଭଣ୍ଡାର ରକ୍ଷକ ରବୀନ୍ଦ୍ର କୁମାର ଦାସ, ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ସ୍ୱାଇଁ, କର୍ମଚାରୀ ସୁବ୍ରତ କୁମାର ସାହୁ, ତ୍ରିନାଥ ପାତ୍ର, ପ୍ରତିମା ମହାନ୍ତି, ଲକ୍ଷ୍ମୀଧର ନାୟକ,ଅବସରପ୍ରାପ୍ତ କର୍ମଚାରୀ ପ୍ରଦୀପ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ରାଷ୍ଟ୍ରର ପ୍ରତିନିଧିବୃନ୍ଦ ଓଡ଼ିଶା ରାଜ୍ୟ ଜଳ ଦକ୍ଷତା ଓ ଜୀବନରକ୍ଷା ଅନୁଷ୍ଠାନ ପରିଦର୍ଶନ

ପୁରୀ: ପୁରୀଠାରେ ଚାଲିଥିବା ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ଉଦଯାପନୀ ଦିବସରେ ବ୍ରିକ୍ସ ରାଷ୍ଟ୍ରସମୂହର ପ୍ରତିନିଧିବୃନ୍ଦ ବିପର୍ଯ୍ୟୟ ପରିଚାଳନାରେ ପାରସ୍ପରିକ ସହଯୋଗ ସୁନିଶ୍ଚିତ କରିବା ନିମନ୍ତେ ଆଲୋଚନା କରିଥିଲେ । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ରାଷ୍ଟ୍ରର ପ୍ରତିନିଧିବୃନ୍ଦ ଓଡ଼ିଶା ରାଜ୍ୟ ଜଳ ଦକ୍ଷତା ଓ ଜୀବନରକ୍ଷା ଅନୁଷ୍ଠାନ, ରାମଚଣ୍ଡୀ ପରିଦର୍ଶନ କରିଥିଲେ । ଓସୱାଲ ପକ୍ଷରୁ ରାମଚଣ୍ଡୀ ମୁହାଣରେ ଜଳରେ ଘଟୁଥିବା ଦୁର୍ଘଟଣାକୁ ପ୍ରତିରୋଧ କରିବା ନିମନ୍ତେ ଦୁଃସାହସିକ ଜୀବନରକ୍ଷା କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହୋଇଥିଲା । ଲାଇଫ୍ ଜ୍ୟାକେଟ୍ ପିନ୍ଧି ପ୍ରତିନିଧିବୃନ୍ଦ ବୋଟରେ ଭିତରକୁ ଯାଇ ସମସ୍ତ ପ୍ରତିରକ୍ଷା ବ୍ୟବସ୍ଥା ଦେଖିଥିଲେ । ଓଡ଼ିଶାରେ ଜଳଭାଗରେ ଘଟୁଥିବା ବିପଦର ପରିଚାଳନାରେ ଓସୱାଲର ଭୂମିକା ପ୍ରଶଂସନୀୟ । ଓଏସ୍‌ଡିଏମ୍‌ଏ ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର ଏବଂ ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଓସୱାଲରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଏସଆଇଆର ସମ୍ପର୍କିତ ଏକ ବାଲୁକା କଳାକୁ ଉଦଘାଟନ କଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ

# ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବିଏଲଓଙ୍କ ଘରକୁ ଘର ପରିଦର୍ଶନ



ପୁରୀ: ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର କାର୍ଯ୍ୟ ଆରମ୍ଭ ହୋଇ ଯାଇଥିବା ବେଳେ ବିଏଲଓ ବା ବୁଥ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ପରିଦର୍ଶନ କରି ଭୋଟର ମାନଙ୍କୁ ସଚେତନ ଓ ସହାୟତା କରୁଛନ୍ତି।ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟ। ତେଣୁ ଭୋଟର ମାନେ ସେମାନଙ୍କ ପରିବାରର ସଠିକ ତଥ୍ୟ ଯଥା ୧୮ ବର୍ଷ ବା ଉର୍ଦ୍ଧ୍ୱ ବ୍ୟକ୍ତି ଙ୍କ ନାମ ଯୋଗ କରିବା, ମୃତ, ସ୍ଥାନାନ୍ତର, ବିବାହ ଇତ୍ୟାଦି କ୍ଷେତ୍ରରେ ନାମ ବାଦ ଦେବା, ପରିଚୟ ପତ୍ର ରେ ତ୍ରୁଟି ଥିଲେ ସଂଶୋଧନ ସମ୍ପର୍କିତ ସୂଚନା ପ୍ରଦାନ କରିପାରିବେ।

କାର୍ଯ୍ୟସୂଚୀ ଅନୁସାରେ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ମଇ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ପରିଦର୍ଶନ କରିବା କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ଜୁନ ୨୮ ତାରିଖ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ଯୁକ୍ତି ସଂଗତ ପୁନର୍ବିନ୍ୟାସ କରାଯିବ। ଜୁଲାଇ ୫ ତାରିଖରେ ଖସଡା ଭୋଟର ତାଲିକା ପ୍ରକାଶ କରାଯିବ। ଦାବି ଓ ଆପତ୍ତି ଦାଖଲ ସମୟ ସୀମା ଜୁଲାଇ ୫ ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଜୁଲାଇ ୫ ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ, ଦାବି ଓ ଆପତ୍ତି ର ନିଷ୍ପତ୍ତି ଗ୍ରହଣ କରାଯିବ। ସେପ୍ଟେମ୍ବର ୬ ତାରିଖରେ ଚୁଡାନ୍ତ ଭୋଟର ତାଲିକାରେ ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି।ପୁରୀ ଜିଲ୍ଲାରେ ୧୬୦୯ ଜଣ ବିଏଲଓ ମାନେ ଭୋଟର ମାନଙ୍କ ଘରକୁ ଘର ପରିଦର୍ଶନ କରୁଛନ୍ତି। ଏ କ୍ଷେତ୍ରରେ ୧୬୧ ଜଣ ସୁପରଭାଇଜର ସେମାନଙ୍କୁ ସହଯୋଗ ଓ ପରାମର୍ଶ ଦେଉଛନ୍ତି।ବିଏଲଓ ମାନେ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥ ଙ୍କୁ ପ୍ରଦାନ କରିବା ସହ ଭୋଟର ମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଉଛନ୍ତି। ଫର୍ମ ପୂରଣ ପରେ ବିଏଲଓ ମାନେ ଭୋଟରଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରି ଭୋଟର ମାନଙ୍କୁ ଏକ ସ୍ୱୀକୃତି ପତ୍ର ବା ଆକନଲେଜମେଣ୍ଟ ରସିଦ ପ୍ରଦାନ କରିବେ। ଏ ସମସ୍ତ କାର୍ଯ୍ୟ ରେ ଜିଲ୍ଲା ର ସମସ୍ତ ଭୋଟର ସହଯୋଗ କରିବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅନୁରୋଧ କରିଛନ୍ତି।

# ଅଭିବୃଦ୍ଧିକୁ ସଂଯୋଗ କରିପାରୁଥିବା ରାଷ୍ଟ୍ରମାନଙ୍କ ପାଇଁ ଭବିଷ୍ୟତ ସମ୍ଭାବନାପୂର୍ଣ୍ଣ: ରାଜ୍ୟପାଳ

ପୁରୀ: ଦକ୍ଷତା ସହିତ ଭିତ୍ତିଭୂମି, ବିଶ୍ୱାସ ସହିତ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥିରତା ସହିତ ଅଭିବୃଦ୍ଧିକୁ ସଂଯୋଗ କରିପାରୁଥିବା ରାଷ୍ଟ୍ରମାନଙ୍କ ପାଇଁ ଭବିଷ୍ୟତ ସମ୍ଭାବନାପୂର୍ଣ୍ଣ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି । ପୁରୀ ଠାରେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଫେଡେରେସନ ଅଫ୍ ଫ୍ରେଟ୍ ଫରୱାର୍ଡର୍ସ ଆସୋସିଏସନ ଇନ୍ ଇଣ୍ଡିଆ ର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତର ଅର୍ଥନୈତିକ ରୂପାନ୍ତରଣରେ ଲଜିଷ୍ଟିକ୍ସ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତର ଲଜିଷ୍ଟିକ୍ସ କ୍ଷେତ୍ର କେବଳ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଆକାଂକ୍ଷାକୁ ସଂଯୋଗ କରିବା, ବ୍ୟବସାୟକୁ ସଶକ୍ତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଜାତୀୟ ସମୃଦ୍ଧିକୁ ସୁଦୃଢ଼ କରିବା ଦିଗରେ ଜଡ଼ିତ।

ଦେଶର ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ




ଇକୋସିଷ୍ଟମରେ ଏଫଏଫଏଫଏଆଇର ଅବଦାନ ପାଇଁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟପାଳ କହିଥିଲେ ଯେ ଏହି ସଂଗଠନ ସାରା ଦେଶରେ କଷ୍ଟମ୍ସ ବ୍ରୋକର ଏବଂ ଫ୍ରେଟ୍ ଫରୱାର୍ଡର୍ସଙ୍କ ପ୍ରତିନିଧିତ୍ୱ କରୁଥିବା ସର୍ବୋଚ୍ଚ ସଂସ୍ଥା ଭାବରେ ଉଭା ହୋଇଛି ଏବଂ ଆଜି ଅନ୍ତର୍ଜାତୀୟ ବାଣିଜ୍ୟକୁ ସୁଗମ କରୁଥିବା ହଜାର ହଜାର ବୃତ୍ତିଗତ ଏବଂ ଉଦ୍ୟୋଗକୁ ସମର୍ଥନ କରିଆସୁଛି। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ମାଲବାହୀ ଫରୱାର୍ଡର ଏବଂ କଷ୍ଟମ୍ସ ବ୍ରୋକରଙ୍କ ଭୂମିକା ପ୍ରାୟତଃ ପରଦା ପଛରେ ରହିଥାଏ, ତଥାପି ଏହା ରାଷ୍ଟ୍ର ନିର୍ମାଣରେ ମୁଖ୍ୟ ଭୂମିକା ନଗ୍ରହଣ କରିଥାନ୍ତି। ଯେତେବେଳେ ଭାରତ ପାଞ୍ଚ ଟ୍ରିଲିୟନ ଡଲାରର ଅର୍ଥନୀତି ଏବଂ ଏକ ବିଶ୍ୱ ଉତ୍ପାଦନ କେନ୍ଦ୍ର ହେବାକୁ ଆକାଂକ୍ଷା କରେ, ସେତେବେଳେ ଏଫଏଫଏଫଏଆଇ ଭଳି ସଂଗଠନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ ।

ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ସ ଓ ସାମୁଦ୍ରିକ କେନ୍ଦ୍ର ଭାବେ ଉଭା ହୋଇଛି। ଏହାର ଦୀର୍ଘ ବେଳାଭୂମି, ପାରାଦୀପ, ଧାମରା ଓ ଗୋପାଳପୁର ଭଳି ବନ୍ଦର ଯୋଗଯୋଗ ଓ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଛି।

ଦେଶର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଆର୍ଥିକ ଆତ୍ମସୁରକ୍ଷା' ପରାମର୍ଶକୁ ପାଳନ କରିବାକୁ ରାଜ୍ୟପାଳ ଅଂଶଗ୍ରହଣକାରୀଙ୍କୁ ପରାମର୍ଶ ଦେଇଥିଲେ। ଲୋକଭବନରେ ପ୍ରଚଳିତ ପ୍ରୋତ୍ସାହନ ଭିତ୍ତିକ ଇଭି ଚାର୍ଜିଂ ବ୍ୟବସ୍ଥାକୁ ଉଦାହରଣ ଭାବେ ଦର୍ଶାଇ ବୈଦ୍ୟୁତିକ ଯାନର ବହୁଳ ବ୍ୟବହାର ସହିତ ଭାରି ବୈଦ୍ୟୁତିକ ଯାନ ବିକଳ୍ପ ଆପଣେଇବାକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ ।

ଏହି ଅବସରରେ ଏଫଏଫଏଫଏଆଇର ଅଧ୍ୟକ୍ଷ ଅମିତ କାମତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ସଭାପତି ହରିହର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




# ଜଣେ ସମ୍ବେଦନଶୀଳ ଗଣତାନ୍ତ୍ରିକ ପ୍ରଧାନମନ୍ତ୍ରୀ



**ଏଚ. ଡି. ଦେବେ ଗୌଡ଼ା**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ
ତଥା ରାଜ୍ୟସଭା ସଦସ୍ୟ

ଶ୍ରୀ ନରେନ୍ଦ୍ର ମୋଦୀ ଏବେ ଭାରତର ସବୁଠାରୁ ଦୀର୍ଘ ସମୟ ଧରି ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଏବଂ ନିରନ୍ତର ସେବା ପ୍ରଦାନ କରିଥିବା ପ୍ରଧାନମନ୍ତ୍ରୀ ହୋଇଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ। ମୋର ଏହି ଖୁସି ପଣ୍ଡିତ ଜବାହରଲାଲ ନେହରୁଙ୍କ କାର୍ଯ୍ୟକାଳର ରେକର୍ଡକୁ ସେ ଅତିକ୍ରମ କରିଥିବାରୁ ନୁହେଁ, ବରଂ ଏହାଠାରୁ ଅଧିକ। ଏଥିପାଇଁ ଯେ ଏହା ଭାରତର ଗଣତାନ୍ତ୍ରିକ ବିଜୟ ବିଷୟରେ ବହୁତ କିଛି କହିଥାଏ। ଭାରତ କେବଳ ତିଷ୍ଠି ରହିନାହିଁ, ବରଂ ଏହା ସମୃଦ୍ଧି ହାସଲ କରିଛି। ଏହା ଏକ ଚମତ୍କାର ସଫଳତାର କାହାଣୀ ପାଲଟିଛି ଏବଂ ଏହି ସଫଳତାର କାହାଣୀରେ ଶ୍ରୀ ମୋଦୀଙ୍କ ଅବଦାନ ଅତୁଳନୀୟ ତଥା ଐତିହାସିକ।

ପଣ୍ଡିତ ନେହରୁ ୧୯୫୨ ମସିହା ପର୍ଯ୍ୟନ୍ତ ଦେଶର ଅନିର୍ବାଚିତ ପ୍ରଧାନମନ୍ତ୍ରୀ ରହିଥିଲେ। ୧୯୪୭ ମସିହାରେ ଏକ ବିଶେଷ ପରିସ୍ଥିତିରେ ତାଙ୍କୁ ସେତେବେଳର ଅନେକ ବିଚକ୍ଷଣ ରାଜନୀତିଜ୍ଞ ଏବଂ ଦେଶ ପ୍ରତି ସମର୍ପିତ ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ପ୍ରଧାନମନ୍ତ୍ରୀ ଭାବରେ ଚୟନ କରାଯାଇଥିଲା। ଏହା ଏକପ୍ରକାର ଭେଟୋ ଥିଲା ଏବଂ ଦେଶର ଜନତାଙ୍କ ଉପରେ ମହାତ୍ମା ଗାନ୍ଧୀଙ୍କର ଆଦର୍ଶଗତ ପ୍ରଭାବର ପରିଣତି ଥିଲା, ଯିଏ ପଣ୍ଡିତ ନେହରୁଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ଚୟନ କରାଯିବା ସୁନିଶ୍ଚିତ କରିଥିଲେ। ତେଣୁ ପଣ୍ଡିତ ନେହରୁ ମହାତ୍ମାଙ୍କ ଆଶୀର୍ବାଦ ଲାଭ କରିଥିଲେ ଏବଂ ସ୍ୱାଧୀନତା ଆନ୍ଦୋଳନର ପରିସମାପ୍ତି ପରେ ୧୯୫୨ ମସିହାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ପର୍ଯ୍ୟନ୍ତ ସେହି ଅବଧିରେ ପ୍ରଧାନମନ୍ତ୍ରୀ ପଦରେ ରହିଥିଲେ। ସେହି ସମୟରେ କଂଗ୍ରେସ ଦଳର ଏକଚାଟିଆ ପ୍ରଭାବ ଥିଲା। ଏହି ଦଳ କୌଣସି ପ୍ରକାର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇ ନଥିଲା। ଯଦିଓ ପ୍ରଥମ ସାଧାରଣ ନିର୍ବାଚନରେ ୫୩ଗୋଟି ରାଜନୈତିକ ଦଳ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ସେମାନଙ୍କ ଉପସ୍ଥିତି ଓ ପ୍ରଭାବ ଅତି ନଗଣ୍ୟ ଥିଲା। ଶ୍ରୀ ମୋଦୀ ୨୦୧୪ ମସିହାରେ ପ୍ରଥମଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦକୁ ପହଞ୍ଚିବା ଏବଂ ଏହି ପଦରେ ରହିବା ସମୟରେ ଆଜିର ଭାରତ ଏକ ଭିନ୍ନ ରାଷ୍ଟ୍ର। ସେତେବେଳେ ଆକାର, ବିବିଧତା, ଅର୍ଥନୀତି ଏବଂ ଏହାର ନାଗରିକମାନଙ୍କ ବିବର୍ତ୍ତନ- ସବୁ ଦୃଷ୍ଟିରୁ ଭାରତ ପ୍ରାୟତଃ ଅଜଣା ଥିଲା।

ଏକଥା କହିବାକୁ ପ୍ରବଳ ଇଚ୍ଛା ହୁଏ, ଯଦିଓ ଏପରି କହିବା ସମୀଚୀନ ହେବନାହିଁ, ଯେ ୧୯୫୨, ୨୦୧୪ କିମ୍ବା ୨୦୨୪ ମସିହାଠାରୁ ୧୯୫୨ ମସିହାରେ ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ ହେବା ତୁଳନାତ୍ମକ ଭାବରେ ସହଜ ଥିଲା। ଏପରିକି ମୁଁ ଯେତେବେଳେ ୧୯୯୬ ମସିହାରେ ପ୍ରଧାନମନ୍ତ୍ରୀ ହୋଇଥିଲି, ସେତେବେଳେ ପରିସ୍ଥିତି ଏବଂ ରାଜନୈତିକ ବାତାବରଣ ଓ ପ୍ରତିଦ୍ୱନ୍ଦିତା ସମ୍ପୂର୍ଣ୍ଣ ଭାବେ ଭିନ୍ନ ଥିଲା। ଦେଶ ପୂର୍ବ ଅପେକ୍ଷା ଅଧିକ ପ୍ରଶ୍ନ ପଚାରୁଥିଲା, ଅଧିକ ସକ୍ରିୟ ହେଉଥିଲା ଏବଂ ଅଧିକ ପରିପକ୍ୱ ହୋଇସାରିଥିଲା। ନେହରୁ-ଗାନ୍ଧୀ ପରିବାର ବାହାରେ ପ୍ରଧାନମନ୍ତ୍ରୀ ବୋଲି ଦାବି କରିବାର ମାନସିକତାକୁ ବୃଥା ଆସ୍ଫାଳନ ବୋଲି ଆଉ ବିବେଚନା କରାଯାଉ ନଥିଲା। ଯେଉଁମାନେ ଏଭଳି ଆସ୍ପର୍ଦ୍ଧା କରୁଥିଲେ, ସେମାନଙ୍କ ନିକଟରେ ସୌଭାଗ୍ୟ ନଥିଲା, ସେମାନେ ରୁପା ଚାମଚ ତୁଣ୍ଡରେ ପୁରାଇ ଜନ୍ମ ହୋଇ ନଥିଲେ କିମ୍ବା ସେମାନଙ୍କ ନିମନ୍ତେ ଏହି ପଦକୁ ଉନ୍ନୀତ ହେବା ସକାଶେ କୌଣସି ପ୍ରିଙ୍ଗ-ବୋର୍ଡ ଉପଲବ୍ଧ ନଥିଲା। ଶ୍ରୀ ମୋଦୀ ଓ ମୋ କ୍ଷେତ୍ରରେ ମଧ୍ୟ ଏହା ଆଦୌ ନଥିଲା। ଅନ୍ୟ ପ୍ରଧାନମନ୍ତ୍ରୀମାନେ ଯେଉଁ ସାମାଜିକ ଓ ସାଂସ୍କୃତିକ ପୁଞ୍ଜି ଉପଭୋଗ କରୁଥିଲେ, ତାହା ସୁଦ୍ଧା ଆମ ଦୁହିଁଙ୍କ ପାଇଁ ଉପଲବ୍ଧ ନଥିଲା।

ପ୍ରଧାନମନ୍ତ୍ରୀ ପଦରେ ମୁଁ ବେଶୀ ଦିନ ତିଷ୍ଠି ରହିପାରି ନଥିଲି।ମୋ ପ୍ରଧାନମନ୍ତ୍ରୀତ୍ୱର ଅବଧି ଥିଲା ମାତ୍ର ୧୧ ମାସ। କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହେଉଛି ଶ୍ରୀ ମୋଦୀଙ୍କ ମୁଣ୍ଡରେ କି ପ୍ରକାର ଦୈବୀ ଆଶୀର୍ବାଦ ରହିଛି ଯେ ସେ ଦୀର୍ଘ ବର୍ଷ ଧରି ଏହି ପଦରେ ରହି ସୁଦ୍ଧା ତିଳେ ହେଲେ କ୍ଳାନ୍ତି ଅନୁଭବ କରନ୍ତି ନାହିଁ। କେବଳ ସେ କ୍ଳାନ୍ତି ଅନୁଭବ କରନ୍ତି ନାହିଁ, ତାହା ନୁହେଁ, ଦେଶବାସୀ ତାଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ପାଇ ସୁଦ୍ଧା କ୍ଳାନ୍ତି ଅନୁଭବ କରନ୍ତି ନାହିଁ। ତେଣୁ ପଣ୍ଡିତ ନେହରୁଙ୍କ କ୍ଷେତ୍ରରେ ଆମେ ଯାହା ଲକ୍ଷ୍ୟ କରିଥିଲୁ, ତା'ଠାରୁ ଶ୍ରୀ ମୋଦୀଙ୍କ ମାନସିକ ଶକ୍ତି ଏବଂ ପ୍ରଧାନମନ୍ତ୍ରୀ ପଦରେ ସେ ତିଷ୍ଠି ରହିବାର ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ।

ପଣ୍ଡିତ ନେହରୁଙ୍କ ସମୟଠାରୁ ଆଜି ପର୍ଯ୍ୟନ୍ତ କିଛି ରୋଚକ ପରିସଂଖ୍ୟାନ ଉପରେ ଆଲୋକପାତ କରାଯାଉ।ସରଳ ରାଜନୈତିକ ପ୍ରତିଯୋଗିତା ଦୃଷ୍ଟିରୁ ୧୯୫୨ ମସିହାରେ ଯେତେବେଳେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା, ସେତେବେଳେ ରାଜନୈତିକ ମୈଦାନରେ ମାତ୍ର ୫୩ଟି ରାଜନୈତିକ ଦଳ ପ୍ରତିଦ୍ୱନ୍ଦ୍ୱିତାରେ ଥିଲେ। ୨୦୨୪ ମସିହାରେ ଯେତେବେଳେ ଶ୍ରୀ ମୋଦୀ ନିର୍ବାଚନ ଲଢ଼ିଥିଲେ ସେତେବେଳେ ୨୫୯୩ଟି ରାଜନୈତିକ ଦଳ ଏହି ସଂଗ୍ରାମରେ ଅବତୀର୍ଣ୍ଣ

ହୋଇଥିଲେ। ନେହରୁଙ୍କ ସମୟରେ ଦେଶରେ



ଭୋଟରଙ୍କ ସଂଖ୍ୟା ଥିଲା ମାତ୍ର ୧୭ କୋଟି, ଯଦ୍ୟପି ଶ୍ରୀ ମୋଦୀଙ୍କ ସମୟରେ ତାହା ଆସି ୮୩ କୋଟି ଛୁଇଁଥିଲା। ୧୯୫୨ ମସିହାରେ ଦେଶର ଜନସଂଖ୍ୟା ଥିଲା ୩୪ କୋଟି, ଯାହାକି ଆଜି ଆସି ୧୪୬ କୋଟିରୁ ଅଧିକ ହୋଇସାରିଛି।

ଆଉ ଗୋଟିଏ କଥା ଯାହା ମୋତେ ସଦାବେଳେ ଆମୋଦିତ କରିଥାଏ ତାହା ହେଲା ନେହରୁଙ୍କ କ୍ୟାବିନେଟରେ ଦେଶର ବିଭିନ୍ନ ଗୋଷ୍ଠୀଙ୍କ ଜନସଂଖ୍ୟା କିମ୍ବା ଭାରତର ସାଂସ୍କୃତିକ ଓ ଜାତିଗତ ବିବିଧତା ପ୍ରତିଫଳିତ ହୋଇ ନଥିଲା। ଏପରିକି ଯେତେବେଳେ ପଣ୍ଡିତ ନେହରୁ ତାଙ୍କର ତୃତୀୟ ତଥା ଚୂଡ଼ାନ୍ତ ଦଫା ପ୍ରଧାନମନ୍ତ୍ରୀ ହୋଇଥିଲେ, ତାଙ୍କ କ୍ୟାବିନେଟର ଗଠନ ବେଶ୍ ବିସ୍ମୟକର ବିଷୟ ବୋଲି ପ୍ରତୀୟମାନ ହେଉଥିଲା। ଏଥିରେ ମୁଖ୍ୟତଃ ଉଚ୍ଚବର୍ଗର ସଦସ୍ୟମାନେ ହିଁ ସାମିଲ ହୋଇଥିଲେ । ପଣ୍ଡିତ ନେହରୁ କାକା କେଲକର କମିସନଙ୍କ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିଥିଲେ, ଯାହାକି ବାସ୍ତବ ପକ୍ଷେ ଦଳିତ ଓ ପଛୁଆ ବର୍ଗଙ୍କୁ ପ୍ରତିନିଧିତ୍ୱ ପ୍ରଦାନ ନିମନ୍ତେ ପ୍ରୟାସ କରିଥିଲା ।

ଶ୍ରୀ ମୋଦୀ ବର୍ତ୍ତମାନ ଯେଉଁ କ୍ୟାବିନେଟର ନେତୃତ୍ୱ ନେଉଛନ୍ତି ତାହା ବିବିଧତାର ଚମତ୍କାରିତାକୁ ପ୍ରତିଫଳିତ କରେ। ଏଥିରେ ୨୭ ଜଣ ଓବିସି, ୧୦ ଜଣ ଏସସି ଏବଂ ୫ ଜଣ ଏସଟି ସଦସ୍ୟ ରହିଛନ୍ତି। ତାଙ୍କ କ୍ୟାବିନେଟରେ ମହିଳାମାନଙ୍କ ପ୍ରତିନିଧିତ୍ୱ ମଧ୍ୟ ଉଲ୍ଲେଖନୀୟ ମାତ୍ରାରେ ବୃଦ୍ଧି ପାଇଛି। ଶ୍ରୀ ମୋଦୀ ୨୦୨୬ମସିହା ଏପ୍ରିଲ ମାସରେ ନିଷ୍ଠାର ସହିତ ସଂସଦର ସଦସ୍ୟ ସଂଖ୍ୟା ବୃଦ୍ଧି କରିବାକୁ ପ୍ରସ୍ତାବ ରଖିଥିଲେ, ମହିଳାମାନଙ୍କୁ ଐତିହାସିକ ପ୍ରତିନିଧିତ୍ୱ ପ୍ରଦାନ କରିବାକୁ ଚାହିଁଥିଲେ ଏବଂ ଆମ ରାଷ୍ଟ୍ରକୁ ଏକ ବାସ୍ତବ ସଂଘୀୟ ମାନ୍ୟତା ପ୍ରଦାନ ନିମନ୍ତେ ପ୍ରୟାସ କରିଥିଲେ। ସେ ମହିଳା ପ୍ରତିନିଧି ବିଧେୟକ ଗୃହୀତ ହେବାକୁ ସୁନିଶ୍ଚିତ କରିଥିଲେ ।

ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଏକ ରାଷ୍ଟ୍ର ଭାବରେ ଅନେକ କ୍ଷେତ୍ରରେ ଅଧିକ ଆତ୍ମ-ସଚେତନ ହୋଇପାରିଛି। ଆଜି ଆମେ ପଣ୍ଡିତ ନେହରୁଙ୍କ ସମୟଠାରୁ ଢେର୍ ମାତ୍ରାରେ ଅଧିକ ଆଲୋଚନାକାରୀ ଏବଂ ସ୍ପଷ୍ଟବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଛୁ। ଜାତିଗତ ସଚେତନତା, ସାମ୍ବିଧାନିକ ଅଧିକାର, ସିଭିଲ ରାଇଟ୍ସ, ଲିଙ୍ଗଗତ ସଚେତନତା, ପରିବେଶ ସୁରକ୍ଷା ପ୍ରତି ସମ୍ବେଦନା ଆଦି ବୃଦ୍ଧି ପାଇ ଏକ ବିସ୍ଫୋରକ ତଥା ନୂତନ ସ୍ଥିତିରେ ପହଞ୍ଚିଛି। ଶ୍ରୀ ନେହରୁଙ୍କ ସମୟରେ ଭାରତ ମୁଖ୍ୟତଃ ନିରକ୍ଷର ରହିଥିଲା ଏବଂ ଲୋକମାନେ ବାସ୍ତବରେ ଜାଣି ନଥିଲେ ଏକ ଗଣତାନ୍ତ୍ରିକ ସରକାରଠାରୁ କ'ଣ ଆଶା କରାଯାଇପାରେ। ଏହା ସେତେବେଳେ ସମ୍ପୂର୍ଣ୍ଣ ରୂପେ ଏକ ନୂତନ ବ୍ୟବସ୍ଥା ଥିଲା। କିନ୍ତୁ ଆଜିର ନାଗରିକମାନେ, ଆମ ରାଷ୍ଟ୍ରର ଏବଂ ଗଣତନ୍ତ୍ରର ମଙ୍ଗଳ ସକାଶେ ଅଧିକ ଶିକ୍ଷିତ ଓ ସଚେତନ ହୋଇଛନ୍ତି। ସେମାନଙ୍କ ଦୃଷ୍ଟିରୁ କୌଣସିଟି ପ୍ରସଙ୍ଗ କେବେ ଖସିବାର ପ୍ରଶ୍ନ ଉଠୁନାହିଁ।

ପଣ୍ଡିତ ନେହରୁଙ୍କୁ ସେତେବେଳେ ଅତି ବେଶୀରେ ଅଧଡଜନ ସମ୍ବାଦପତ୍ର ସହିତ ମୁକାବିଲା କରିବାକୁ ପଡୁଥିଲା। କିନ୍ତୁ ଶ୍ରୀ ମୋଦୀଙ୍କୁ ପ୍ରତି ମୁହୂର୍ତ୍ତରେ ଦେଶର କୋଟି କୋଟି ନାଗରିକଙ୍କ ଦ୍ୱାରା ବିଶ୍ଳେଷିତ ଓ ତର୍ଜମାର ସମ୍ମୁଖୀନ ହେବାକୁ ପଡୁଛି। କାରଣ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ପ୍ରତି ମୁହୂର୍ତ୍ତରେ ତାହା କରାଯାଉଛି। ସେଥିରେ ସମାଲୋଚନା କୌଣସି ପ୍ରସଙ୍ଗର ସତ୍ୟାସତ୍ୟକୁ ନଜାଣି ଅଯଥାରେ କରାଯାଉଛି ଏବଂ ପୁଣି ତାହା ଅତି ମାତ୍ରାରେ କଠୋର ଓ ବ୍ୟକ୍ତିଗତ ସ୍ତରରେ କରାଯାଉଛି। ଏହା ବ୍ୟତୀତ, ତାଙ୍କୁ ଅହୋରାତ୍ର ପ୍ରମୁଖ ସମ୍ବାଦପତ୍ର ଓ ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ସମାଲୋଚନାର ମୁକାବିଲା କରିବାକୁ ପଡୁଛି ଏବଂ ବେଳେବେଳେ ବିବାଦର ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି। ସେମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି, ଯାହାକି ପଣ୍ଡିତ ନେହରଙ୍କୁ ସମୟ ଠାରୁ ଢେର୍ ଅଧିକ। ସେତେବେଳେ କୌଣସି ଟେଲିଭିଜନ ଚାନେଲ ନଥିଲା।

ମୁଁ ଶ୍ରୀ ମୋଦୀଙ୍କୁ ପଣ୍ଡିତ ନେହରୁଙ୍କ ପ୍ରଧାନମନ୍ତ୍ରୀତ୍ୱ ଅବଧିକୁ ସଫଳତାର ସହିତ ଅତିକ୍ରମ କରିଥିବାରୁ ଅଭିନନ୍ଦନ ଜ୍ଞାପନ କରୁଛି। ସେ ଏହାଠାରୁ ଅଧିକ ବଧେଇର ପାତ୍ର ଯିଏ ତାଙ୍କ ନେତୃତ୍ୱରେ ଭାରତକୁ ଏକ ବିଶାଳ ତଥା ଶକ୍ତିଶାଳୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କରିବା ସୁନିଶ୍ଚିତ କରିବା ପ୍ରୟାସରେ ନିମଗ୍ନ। ଭାରତ କିପରି ବିଶ୍ୱର ଦ୍ରୁତତମ ଆର୍ଥିକ ପ୍ରଗତିଶୀଳ ରାଷ୍ଟ୍ର ହୋଇପାରିବ ତାହା ମଧ୍ୟ ସୁନିଶ୍ଚିତ କରିବା ଦିଗରେ ପ୍ରୟାସରତ। ନିର୍ଦ୍ଦିଷ୍ଟ ଭାବରେ ତାଙ୍କର ଜନକଲ୍ୟାଣକାରୀ ନୀତି ଏବଂ ତାଙ୍କର ନିର୍ଣ୍ଣାୟକ ବ୍ୟକ୍ତିତ୍ୱର ଉଦାହରଣ ଆମେ ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ଲକ୍ଷ୍ୟ କରିଛୁ। ରାଷ୍ଟ୍ରହିତ ନିମନ୍ତେ ଯେତେବେଳେ କୌଣସି ନିଷ୍ପତ୍ତି ଗ୍ରହଣ କରିବାକୁ ହୋଇଥାଏ ସେଥିରେ ସେ କଦାଚିତ୍ ସାଲିସ କରିଥାଆନ୍ତି।

ଶ୍ରୀ ମୋଦୀ କେବଳ ରାଷ୍ଟ୍ରର ଶାସନମୁଖ୍ୟ ନୁହନ୍ତି, ବରଂ ରାଷ୍ଟ୍ରର ମୁଖ୍ୟ ପରାମର୍ଶଦାତା ଭୂମିକା ନିର୍ବାହ କରିଆସୁଛନ୍ତି ଯିଏ ନିରବଚ୍ଛିନ୍ନ ଭାବରେ ଏବଂ ସକଳ ସହୃଦୟତାର ସହିତ ସବୁମତେ ଏବଂ ସବୁ ବର୍ଗର ଲୋକଙ୍କ ସହିତ ମତ ବିନିମୟ କରିଆସୁଛନ୍ତି। ମୁଁ ତାଙ୍କର ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମକୁ ସଦାବେଳେ ଶୁଣିଥାଏ। ତାଙ୍କଭଳି ପ୍ରଯୁକ୍ତିକୁ ବ୍ୟବହାର କରୁଥିବା ଅନ୍ୟ କୌଣସି ଜଣେ ପ୍ରଧାନମନ୍ତ୍ରୀ ନାହାନ୍ତି। ନିଃସ୍ୱାର୍ଥପର ପ୍ରତିବଦ୍ଧତା ବିନା ଏହା କଦାପି ସମ୍ଭବପର ହୋଇ ନପାରେ।

ଶ୍ରୀ ମୋଦୀ ସଫଳ ହୋଇପାରିଛନ୍ତି, କାରଣ ସେ ସଦାବେଳେ ଆତ୍ମସମୀକ୍ଷା କରିଥାଆନ୍ତି। ସଦାସର୍ବଦା ନିଜକୁ ପରୀକ୍ଷିତ ହେବାର ସୁଯୋଗ ପ୍ରଦାନ କରିଥାଆନ୍ତି। ମୁଁ ସର୍ବନିୟନ୍ତା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ଏହିଭଳି କାର୍ଯ୍ୟ ଜାରି ରଖିବା ସକାଶେ ସେ ତାଙ୍କୁ ସୁସ୍ଥ ଓ ନିରାମୟ ରଖିଥାଆନ୍ତୁ।

(ମତାମତ ଲେଖକଙ୍କ ନିଜସ୍ୱ)

# ଓଡ଼ିଆର ପ୍ରାଣ ପ୍ରଭୁ ଶ୍ରୀଜଗନ୍ନାଥ

ଡକ୍ଟର ସୁଷମା ମିଶ୍ର

ଓଡ଼ିଆରପ୍ରାଣପ୍ରଭୁଶ୍ରୀଜଗନ୍ନାଥହେଉଛନ୍ତିରାଷ୍ଟ୍ରଦେବତା।ଓଡ଼ିଆଜାତିସହିତଓତପ୍ରୋତଭାବରେଜଡ଼ିତଜଗନ୍ନାଥୀୟଚେତନାଭାରତୀୟଆଧ୍ୟାତ୍ମିକଭାବଧାରାରପ୍ରାଣକେନ୍ଦ୍ର।ଓଡ଼ିଶାର ସଂସ୍କୃତିହେଉଛିଜଗନ୍ନାଥସଂସ୍କୃତି।ଜାତିଧର୍ମବର୍ଣ୍ଣନିର୍ବିଶେଷରେ ଯେଉଁଧର୍ମପାଳନୀୟତାହାହିଁଶ୍ରୀଜଗନ୍ନାଥଧର୍ମ।ସତ୍ୟଗର୍ଭିତଇତିହାସ ଓ ଭାବ ଗୁମ୍ଫିତ କାହାଣୀ କିମ୍ବଦନ୍ତୀର ଭିତ୍ତିରେ ଗଢ଼ି ଉଠିଛି ଏହି ସନାତନ ଧର୍ମ । 'ଭାବସମୁଦ୍ର'ରେ ବଳରାମ ଦାସଙ୍କ ଭାବ ବିହ୍ୱଳ ପରିପ୍ରକାଶ, ''କାହୁଁ ଭିଆଇଲୁ କ୍ଷେତ୍ର ତୋହର/ଚଉଦ ଭୁବନ ମଧୁ ବାହାର / ନାଥ ତୋ କ୍ଷେତ୍ରେ ସାନ ବଡ଼ ନାହିଁ କୁ ବ୍ରାହ୍ମଣ ଚଣ୍ଡାଳ ଯେ ସରି ଦୁଇ'' । ଆଚାର୍ଯ୍ୟ ରାମାନୁଜଙ୍କ ଭାଷାରେ 'ନ ଜାତି କାରଣଂ ଲୋକେ ଗୁନଃ କଲ୍ୟାଣ ହେତବାଃ' ।

ଇଷ୍ଟ ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ଜନମାନସ ତଥା ଇତିହାସକୁ ଏଭଳି ଉଦ୍‌ବେଳିତ କରିଛନ୍ତି ଯେ ଲୋକକଥାର କାଳ୍ପନିକତା ଏବଂ ଘଟଣା ପ୍ରବାହର ଐତିହାସିକତା ଅବିଚ୍ଛିନ୍ନ ମନେ ହୁଏ । ଇତିହାସ ହେଉ କି କିମ୍ବଦନ୍ତୀ ଏହି ଦୁଇଟି ଦିଗରେ ମନୁଷ୍ୟ ଜାତିର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଅନୁଚିନ୍ତନ ପ୍ରତିଫଳିତ । ବ୍ୟକ୍ତି ଜୀବନଠାରୁ ଆରମ୍ଭ କରି ଗଣମାନସକୁ, ଧର୍ମୀୟ ତତ୍ତ୍ୱରୁ ଯେ ମନସ୍ତତ୍ତ୍ୱକୁ ବାନ୍ଧି ରଖିଛି ଜଗନ୍ନାଥାୟିତ ଚିନ୍ତନ । କୁହାଯାଇଛି, '''ଏ ଜଗନ୍ନାଥ ମୂର୍ତ୍ତି ସାର/ ଅଟଇ ଗଣ ଅବତାର'' । ଶ୍ରୀ ଭଗବତ୍ ଗୀତାରେ ସ୍ୱୟଂ ଶ୍ରୀକୃଷ୍ଣ ବ୍ୟକ୍ତ କରିଛନ୍ତି ଯେ ଯିଏ ଯେଉଁ ରୂପରେ ତାଙ୍କୁ ଖୋଜେ ସେ ସେହି ରୂପରେ ଲାଭ କରେ । ଦାରୁମୂର୍ତ୍ତି ଶ୍ରୀଜଗନ୍ନାଥ ଓ ନୀଳମାଧବ ଯେ ଏକ ଓ ଅଦ୍ୱିତୀୟ ଏହା ପୁରାଣରେ ବର୍ଣ୍ଣିତ ଏବଂ ଇତିହାସରେ ପ୍ରତିପାଦିତ । 'ତନ୍ତ୍ର ଯାମଳରେ' ବର୍ଣ୍ଣିତ, ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମ ଜ୍ଞଦାରୁ ରୂପୀ ଜଗନ୍ନାଥେ ଭକ୍ତାନାମ ଭୟପ୍ରଦଃ' । ଯେମିତି ସମୁଦ୍ର ବକ୍ଷରେ ମିଶିଯାଏ ନଦୀରସୁଅ ସେହିପରି ଜଗନ୍ନାଥ ଧର୍ମରେ ଏକୀଭୂତ ହୋଇଯାଇଛି ବିଭିନ୍ନ ପ୍ରକାର ଧର୍ମଗତ ମତବାଦ । ଶୈବ ମତର ପ୍ରଭାବରେ ଜଗନ୍ନାଥ ବେଢ଼ାରେ ନିର୍ମିତ ହେଲା ଶିବ ମନ୍ଦିର । ଶାକ୍ତମାନଙ୍କ ଭାବନାନୁଯାୟୀ ଏଠାରେ ଶକ୍ତି ସ୍ଥାନ ପାଇଲେ । ବୈ ଷ୍ଣବମାନଙ୍କ ଧାରଣାନୁସାରେ ଜଗନ୍ନାଥ କୃଷ୍ଣରେ ପରିଣତ ହେଲେ । ବୌଦ୍ଧ ଧର୍ମରେ ଧର୍ମ ସର୍ବଦା ନାରୀ ଭାବରେ କଳ୍ପିତ ପୁଣି ସଂଘରେ ଭାଇ ଭଉଣୀଙ୍କ ସମ୍ପର୍କ ଉପରେ ପ୍ରାଧାନ୍ୟ ଦିଆଯାଇଛି ।

ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଶ୍ରୀସୁଭଦ୍ରାଙ୍କୁ ଏହି ଚିନ୍ତଭୁକ୍ତ କରାଯାଏ । ସେହିପରି ଜୈନ ଧର୍ମର ପ୍ରତୀକ ହେଉଛି, ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା । ଜୈନ ଧର୍ମର ବାଇଶି ଜଣ ତୀର୍ଥଙ୍କରଙ୍କ ସ୍ମୃତି ପ୍ରତୀକ ଭାବରେ ବାଇଶି ପାହାଚକୁ ଗ୍ରହଣ କରାଯାଇଛି । ଜଗନ୍ନାଥ, ଶବରର ଦାରୁଦିଅଁ, ଶୈବର ମହାରୁଦ୍ର, ଶାକ୍ତର ଦକ୍ଷିଣକାଳୀ, ବୈଷ୍ଣବର ଶ୍ରୀକୃଷ୍ଣ, ଗାଣପତ୍ୟଙ୍କର ଗଣପତି, ଜୈନଙ୍କ ତ୍ରିରତ୍ନ ଓ ବୁଦ୍ଧଙ୍କ ତ୍ରିତତ୍ତ୍ୱ ଅଟନ୍ତି । ଏହା ଗବେଷକମାନଙ୍କର ଅଭିମତ । ସର୍ବଧର୍ମର ଉପାସ୍ୟ ଦେବତା ଜଗନ୍ନାଥଙ୍କୁ ସତ୍ୟରେ ନୃସିଂହ, ତ୍ରେତୟାରେ ରାମ,ଦ୍ୱାପରରେ ଶ୍ରୀକୃଷ୍ଣ ଓ କଳିଯୁଗରେ ବୁଦ୍ଧଙ୍କ ଅଂଶ ବିଶେଷ ଭାବରେ କଳ୍ପନା କରାଯାଇଛି । ପୁରୁଷୋତ୍ତମଙ୍କର ଭାବରୂପ କବି ଲେଖନୀରେ, ଅକ୍ଷର ରୂପ ଜଗନ୍ନାଥ ଜ୍ଞ କ୍ଷର ଅକ୍ଷର ଏ ଜଗତ ଜ୍ଞ ଅକ୍ଷର କ୍ଷର ରୂପ ଏହିଜ୍ଞ ପୁରୁଷୋତ୍ତମ ଛନ୍ତି ରହି'' । ଭିନ୍ନ ଭିନ୍ନ ଜଗନ୍ନାଥ ଉପାସକମାନେ ବିଭିନ୍ନ ସମୟରେ ବହୁ ଭିନ୍ନ ମତ ଉପସ୍ଥାପିତ କରି ସ୍ୱକୀୟ ପୂଜା ପଦ୍ଧତିରେ ନିମଗ୍ନ ହୋଇଛନ୍ତି । ମାତ୍ର ସମସ୍ତଙ୍କ ଗୋଟିଏ ମାତ୍ର ଲକ୍ଷ୍ୟ ହେଉଛି ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ଆତ୍ମ ସମର୍ପଣ ।ଜଗନ୍ନାଥଙ୍କୁ ଡ଼ାକି ଡ଼ାକି ପୁଣି ଜଗନ୍ନାଥଙ୍କର ଡ଼ାକ ଶୁଣି ତାଙ୍କରି ଭୁଜଛାଇ ତଳକୁ ଧାଇଁ ଆସି ଛନ୍ତି କେତେ ସାଧୁ ସନ୍ୟାସୀ, ପାପୀ ଓ ଘାତକ । ଜଗନ୍ନାଥଙ୍କ କ୍ଷେତ୍ର ପାଲଟି ଯାଇଛି ପବିତ୍ର ତୀର୍ଥ ସ୍ଥଳ। ଓଡ଼ିଆମାନଙ୍କ ବିଶ୍ୱାସ, 'ସକଳ ତୀର୍ଥ ତୋ ଚରଣେ / ବଦ୍ରିକା ଯିବି କି କାରଣେ' ।ଏହି ପୁଣ୍ୟ ଧାମରେ ଅଛି ପଞ୍ଚତୀର୍ଥ ଯଥା : ମାର୍କଣ୍ଡ ପୁଷ୍କରିଣୀ, ଶ୍ୱେତ ଗଙ୍ଗା ପୁଷ୍କରିଣୀ, ଇନ୍ଦ୍ରଦ୍ୟୁମ୍ନ, ରୋହିଣୀ କୁଣ୍ଡ ଓ ମହୋଦଧି । ମାର୍କଣ୍ଡ ମହାମୁନି ଏହି ସ୍ଥାନରେ ଯମ ବାଧାରୁ ମୁକ୍ତି ପାଇଥିଲେ । ରାଜାଙ୍କ ଧର୍ମପତ୍ନୀ ଚୋଳ ଗୁଣ୍ଡିଚା ପ୍ରତ୍ୟହ ମାର୍କଣ୍ଡରେ ସ୍ନାନ ସାରି ସପ୍ତଭଗ୍ନୀ ଦର୍ଶନ କରୁଥିଲେ । 'ଶ୍ୱେତଗଙ୍ଗା'ରେ ଶ୍ୱେତରାଜା ଯିଏକି ଜଣେପରମ ବୈଷ୍ଣବ ଏଠାରେ ସ୍ନାନ ପୂର୍ବକ ଜଗନ୍ନାଥ ଆଦି ଦେବ ବିଗ୍ରହଙ୍କୁ ଭକ୍ତି ସୁମନ ନିବେଦନ କରୁଥିଲେ । କିମ୍ବଦନ୍ତୀ ରହିଛି ଯେ ଜଣେ ବୈ ଷ୍ଣବ ମାତା ଶ୍ୱେତଗଙ୍ଗାରେ ସ୍ନାନରତ ହୋଇ ଗଙ୍ଗା



ନଦୀରେ ଯାଇ ବାହାରିଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ଆଡ଼ପ ମଣ୍ଡପ ଯଜ୍ଞଶାଳାରେ ବ୍ରାହ୍ମଣମାନଙ୍କୁ ଧେନୁ ଦାନ ପାଇଁ ଦଶାଶ୍ୱମେଧ ଯଜ୍ଞ କରାଇଥିଲେ । ଧେନୁମାନଙ୍କର ଖୁରା ଆଘାତରେ ସୃଷ୍ଟି ହୋଇଥିବା ଖାଲ, ଜଳରେ ପୂର୍ଣ୍ଣ ହୋଇ ତାହା କ୍ରମେ ପରିଣତ ହେଲା 'ସର ଇନ୍ଦ୍ରଦ୍ୟୁମ୍ନ'ରେ । 'ରୋହିଣୀ କୁଣ୍ଡ'ରେ କାକ ପଡ଼ି ଚତୁର୍ଭୁଜ ରୂପ ଧାରଣ କରିଥିବାରୁ ଏହା ପବିତ୍ରତାର ପ୍ରତିନିଧି କଲା । ଶବର ରାଜା ବିଶ୍ୱାବସୁ ଯେଉଁ ଶବର ବସତିରେ ଅବସ୍ଥାନ କରୁଥିଲେ, ତାହା ଥିଲା 'ମହୋଦଧି'ର ବେଳାଭୂମି ନିକଟରେ । ମହାଭାରତ ଯୁଦ୍ଧ ଶେଷରେ ଯଦୁବଂଶ ପତନପରେ ଭଗବାନ ଶ୍ରୀକୃଷ୍ଣଙ୍କର ମହାପ୍ରୟାଣ ଘଟିଲା । ପାଣ୍ଡବ ଭାଇମାନେ ତାଙ୍କୁ ଦାହ କରାଇଲେ ।

ତାଙ୍କ ପିଣ୍ଡ ଅପୋଡ଼ା ରହିବାରୁ ତାହାକୁ ସମୁଦ୍ରରେ ବିସର୍ଜିତ କରାଗଲା । ପରବର୍ତ୍ତୀ ସମୟରେ ଏହି ପିଣ୍ଡ ହିଁ ଶ୍ରୀଜଗନ୍ନାଥ ରୂପେ ପ୍ରକଟିତ ହୋଇଛନ୍ତି । ଆଦିକବି ସାରଳା ଦାସଙ୍କ ଭାଷାରେ 'କଳ୍ପବଟ ଯେ ରୋହିଣୀ ନାମେ କଣ୍ଡ କୋଟି ଏକ ତୀର୍ଥ ସେଠାରେ କରି ଛି ରୁଣ୍ଡ ଜ୍ଞ ତୀର୍ଥର ନାମ ଯେ ଦକ୍ଷିଣ ମହୋଦଧି । କୋଟିଏ ତୀର୍ଥ ଘେନି ଖଟିଛି ଜଳଧ୍ୱି'ଜ୍ଞ ଦିବ୍ୟ ଭାବ ପୂତ ପରି ସର ଓ ପରିମାର୍ଜିତ ପରମ୍ପରାରେ ପୁଷ୍ଟ ପୁରୀର ପ୍ରାଚୀନ ନାମ ହେଉଛି 'ପଞ୍ଚଯଜ୍ଞ ତପୋବନ'' ।'ପଞ୍ଚକୋଶ' ବା 'ଶଙ୍ଖ କ୍ଷେତ୍ର' ଭାବେ ବିଦିତ ପୁରୀ, ପରି ପୂର୍ଣ୍ଣତାର ପରିଚାୟକ । ପୂର୍ବରୁ 'ପୁରସ୍ତମ' ନାମରେ ନାମିତ ପୁରୀ ଏକ ଦ୍ୱୀପ ସଦୃଶ ପ୍ରତୀୟମାନ ହେଉଥିଲା । ଏହାର ଗୋଟିଏ ପାଶ୍ୱରେ ବଙ୍ଗୋପସାଗର ମଥା ପିଟୁଥିଲା ବେଳେ ଅନ୍ୟ ତିନୋଟି ଦିଗରେ ଘେରାଇ ହୋଇ ରହିଥୁଲା ମଙ୍ଗଳା ନଦୀ, ବାଙ୍କି ମୁହାଣ ନଦୀ ଏବଂ ମାଟିଆଣୀ ନଦୀ । ପ୍ରାଚୀନ କାଳରୁ ଜଗନ୍ନାଥଙ୍କୁ କେନ୍ଦ୍ର କରି ଶ୍ରୀକ୍ଷେତ୍ରରେ ନିର୍ମିତ ହୋଇଛି ବହୁସଂଖ୍ୟକ ମଠ । ଅତୀତରେ ଜଗନ୍ନାଥ ମନ୍ଦିରର

ପୂଜକମାନେ ଶଙ୍କରାଚାର୍ଯ୍ୟ ମଠରେ ଶିକ୍ଷା ଗ୍ରହଣ କରୁଥିଲେ । ଶ୍ରୀଜଗନ୍ନାଥ ମଧ୍ୟ ବିଭିନ୍ନ ଉତ୍ସବରେ ନିର୍ଦ୍ଦିଷ୍ଟ ମଠର ଉଦ୍ୟାନକୁ ପରି ଭ୍ରମଣରେ ଯିବାର ବ୍ୟବସ୍ଥା ରହିଛି । ବହୁ କବି, ଭାବୁକ, ଦାର୍ଶନିକ ଓ ସନ୍ଥ ବହୁ ପ୍ର କାର ରୀତିରେ, ବାଣୀରେ, ଠାଣିରେ ଜଗନ୍ନାଥ ଧାମକୁ ଆସିଛନ୍ତି । ସେମାନଙ୍କର ମହିମା ଦ୍ୱାରା ଆକର୍ଷିତ ହୋଇ ଅନୁଚରମାନେ ଅନୁଗମନ କରିଛନ୍ତି । ଜଗନ୍ନାଥଙ୍କ ପୂଜାଓ ସେବାରେ ମଠ ଦ୍ୱାରା ପ୍ରଚଳିତ ହୋଇଛି ଅସୁମାରୀ ପରମ୍ପରାର ଧାରା । ଏଇଠି ଥିଲେ ଅତିବଡ଼ୀ ଜଗନ୍ନାଥ ଦାସ । ତାଙ୍କର 'ସାତଲେଉଡ଼ି ମଠ' । ଯେଉଁଠି ସମୁଦ୍ର, ମଠ ଗଢ଼ିବା ବେଳେ ସାତଟି ଲହଡ଼ି ପଛକୁ ଫେରି ଯାଇଛି ସେଇ ବିଚିତ୍ର ସ୍ଥାନ ହେଉଛି ଜଗନ୍ନାଥଙ୍କ ଧାମ । ଲବଣାକ୍ତ ସାଗରର ଜଳ ଯେଉଁଠାରେ ବ୍ୟାପ୍ତ ସେଇଠି କୂଅଟିଏ ଖୋଳି ଦେଲେ ମଧୁର ଜଳ ଉପଲବ୍ଧ ହେଉଛି । ଏଇ ଚମତ୍କାରିତାର ଭୂଗୋଳହିଁ ପୁରୀ, ଯାହା ନଦୀ ପରି ମଧୁର, ସମୁଦ୍ର ପରି ଅସୀମ । ସଂସ୍କୃ ତି ସମ୍ପନ୍ନ ଶ୍ରୀକ୍ଷେତ୍ର 'ଦଶାବତାର କ୍ଷେତ୍ର' ରୂପେ ସୁବିଦିତ । ଭଗବାନଙ୍କ ଅବତାର ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥଙ୍କର କଳାଏ ଅଂଶ ଭାବରେ ଦର୍ଶାଇଛନ୍ତି କବି ଓ ଶାସ୍ତ୍ରଜ୍ଞ । ଦିବାକର ଦାସ ଲେଖୁଛନ୍ତି, 'ଜଗନ୍ନାଥ ଯେ ଷୋ'ଳକଳା/ ତହୁଁ କଳାଏ ନନ୍ଦବଳା' । ସେହିପରି ଭରତ ଦାସଙ୍କ କବିତାର ପଙ୍‌କ୍ତି, '''ଚକାଡ଼ୋଳା ଚିକ୍‌କଣ କଳା/ ଚତୁର୍ବର୍ଗ ଦାନୀ ନନ୍ଦର ବଳା''।

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶିଷ କରୁଣାରେ ସ୍ନାତ ହେବାର ଆକୁଳତା ଭକ୍ତ ପାଇଁ ଫିଟାଇ ଦେଇଛି ଅନେକ ପନ୍ଥା । ସେଗୁଡ଼ିକ ହେଉଛି ଭକ୍ତି ମାର୍ଗ, କର୍ମ ମାର୍ଗ, ଜ୍ଞାନ ମାର୍ଗ ଓ ରାଜ ମାର୍ଗ । ଅବଶ୍ୟ ଏହି ସମସ୍ତ ମାର୍ଗରେ ଉର୍ଦ୍ଧରେ ଥିବା ଭାବପଥ ହେଉଛି ଜଗନ୍ନାଥଙ୍କୁ ଅନୁଭବ କରିବାର ଏକ ସ୍ୱତଃସ୍ଫୁର୍ତ୍ତ ମାଧ୍ୟମ । ଯୁଗ ଯୁଗ ଧରି ମନୁଷ୍ୟର ଈଶ୍ୱର ଅନ୍ୱେଷୋର ପ୍ରବୃତ୍ତିରୁ ଜାତ ହୋଇଛି ଦେବତାମାନଙ୍କର ବହୁରୂପଯୁକ୍ତ ପ୍ରତିରୂପ ଓ ପୂଜା ପଦ୍ଧତିର ବିଭିନ୍ନତା । ମନୁଷ୍ୟକୃତ ସମସ୍ତ ବିଧି ବିଧାନ ପରମ୍ପରା ନାମରେ ପ୍ରଚଳିତ ଓ ସମୟକ୍ରମେ ସଂସ୍କରିତ ହୋଇ ଆସୁଛି।

'ବ୍ରହ୍ମ ପୁରାଣ'ରୁ ଅନୁମିତ ହୁଏ ଶ୍ରୀଜଗନ୍ନାଥସର୍ବପ୍ରଥମେ ନୀଳମାଧବ ରୂପରେ ଏକ ମୂର୍ତ୍ତି ଭାବେ ପରେ ତ୍ରିମୂର୍ତ୍ତି ଏବଂ ଶେଷରେ ସୁଦର୍ଶନ ଯୁକ୍ତ ହୋଇ ଚତୁର୍ଦ୍ଧାମୂର୍ତ୍ତି ରୂପେ ପୂଜିତ। 'ସ୍କନ୍ଦ ପୁରାଣ'ରେ ରଚିତ 'ବଳଭଦ୍ର, ଜଗନ୍ନାଥ, ସୁଭଦ୍ରାଚ ସୁଦର୍ଶନଃ/ଦାରୁବ୍ରହ୍ମ ସ୍ୱରୂପାୟ ଚତୁର୍ଦ୍ଧାମୂର୍ତ୍ତୟେ ନମଃ'' । ଓଡ଼ିଆ ସଂସ୍କୃତିର ଯାନିଯାତ, ମେଳା ମଉଛବ, ପୂଜା ଉପାସନା ସବୁର ମୂଳବିନ୍ଦୁ ହେଉଛନ୍ତି ପ୍ରଭୁ ଜଗନ୍ନାଥ । ଅରୂପ ପ୍ର ଭୁଙ୍କୁ ରୂପନ୍ୟାସ ଦେଇ ତାଙ୍କର ରୂପକାନ୍ତିକୁ ଆହୁରି ଅପରୂପ କରି ସଜାଇବାରେ ଯେଉଁ 'ବେଶଲାଗି' କରାଯାଏ, ତାହା ଏକ ନିଆରା ଦେବନୀତି। ଏଥିରେ ଓଡ଼ିଆମାନଙ୍କର ସୌନ୍ଦର୍ଯ୍ୟ ପ୍ରାଣର ପରାକାଷ୍ଠା ଲକ୍ଷ୍ୟଣୀୟ । ଓଡ଼ିଆ ମାଟିରୁ ଜନ୍ମିଥିଇବା ରଥଯାତ୍ରା ଓଡ଼ିଶାର ଜନସାଧାରଣଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି ।

ଓଡ଼ିଶାର ପ୍ରତି ପ୍ରାନ୍ତ ରେ ର ଥଯାତ୍ରା । ମହାସମାରୋହରେ ପାଳିତ ହୁଏ । ଏହି ଯାତ୍ରାର ଲୋକପ୍ରିୟତା ଦକ୍ଷିଣ ଓଡ଼ିଶାର ଏକ ଲୋକଗୀତରୁ ଅନ୍ଦାଜ କରାଯାଇପାରେ । ଉଦାହରଣ ସ୍ୱରୂପ- 'ଖଲ୍ଲିକୋଟ ଦେଉଳ, ଜରଡ଼ା ଗହଳ/ଧରାକୋଟ ଆଢ଼େଣୀ, ଶେରଗଡ଼ ମଣ୍ଡଣୀ/ ଦିଗପହଣ୍ଡି ଯାତ, ପ୍ରତାପଗିରି ରଥ'' । ଓଡ଼ିଶାର ପ୍ରାଣ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅପୂର୍ବ ରଥଯାତ୍ରା ଅନ୍ୟାନ୍ୟ। କ୍ରମଶ (ଆଗାମୀ ଅଧ୍ୟାୟ )

# ଆସ ଓଡ଼ିଶାକୁ ଜାଣିବା

ତୀର୍ଥଙ୍କର ପାଶ୍ୱନାଥ ଓ 'କୋପକଟକ ':

ଜୈନ ଧର୍ମଗ୍ରନ୍ଥ "ଭଗବତୀ ସୂତ୍ର" ରୁ ଜଣାପଡେ ଯେ- ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥ (ପରିନିର୍ବାଣ ସମୟ ଖ୍ରୀଷ୍ଟ ପୂର୍ବ ୭୭୭) ଧର୍ମ ପ୍ରଚାର ଲକ୍ଷରେ ପୁଣ୍ଡ ଓ ତାମ୍ର ଲିପ୍ତିକୁ ଆଗମନ କରିଥିଲେ।"ଜୈନ କ୍ଷେତ୍ର ସମାସ" କହେ:- ପାର୍ଶ୍ୱନାଥ ତାମ୍ରଲିପ୍ତି ରୁ କୋପକଟକ ନାମକ ସ୍ଥାନ କୁ ଆସି ଏଠାରେ ଧନ୍ଯ ନାମକ ଜଣେ ଗୃହସ୍ଥଙ୍କ ଅତିଥି ହୋଇ ଥିଲେ।[ପୂର୍ବରୁ କଳିଙ୍ଗରାଜ କରକଣ୍ଡୁ ଏହି ପାର୍ଶ୍ୱନାଥଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିବା ସମ୍ବନ୍ଧେ ଆମ୍ଭେ ଆଲୋଚନା କରିଅଛେ] । ଐତିହାସିକ ନଗେନ୍ଦ୍ରନାଥ ବସୁ। ଏହି 'କୋପକଟକ ' କୁ ଆଧୁନିକ ବାଲେଶ୍ୱର ଜିଲ୍ଲାର କୋପାରୀ (କୁପାରୀ) ସହ ଚିହ୍ନଟ କରିଅଛନ୍ତି।

**କଳିଙ୍ଗ ର ରାଜଧାନୀ "ଦନ୍ତପୁର ":**

ବୁଦ୍ଧଙ୍କର ବହୁକାଳ ପୂର୍ବରୁ କଳିଙ୍ଗ ର ରାଜଧାନୀ ସହର 'ଦନ୍ତପୁର' ର ପ୍ରସିଦ୍ଧି ରହିଥିଲା ବୋଲି ପ୍ରାଚୀନ ବୌଦ୍ଧଗ୍ରନ୍ଥ ମାନଙ୍କ ରୁ ଜଣାଯାଏ। ବୌଦ୍ଧଗ୍ରନ୍ଥ "ଦୀଘ୍ ଘନକାୟ" ର 'ମହାଗୋବିନ୍ଦ ସୁତ୍ରାନ୍ତ' ରେ ତଥା ' କୁରୁଧର୍ମ ଜାତକ ଏବଂ ସିଂହଳୀ ବୌଦ୍ଧଗ୍ରନ୍ଥ "ଦାଠା ଧାତୁବଂଶ " ରେ ଏହି ଦନ୍ତପୁର ସଂପର୍କ ରେ ଉଲ୍ଲେଖ ରହିଛି। ସେହିଭଳି ଜୈନଗ୍ରନ୍ଥ 'ଉତ୍ତରାଧ୍ୟାୟନ ସୂତ୍ର ' ଓ ସୂତ୍ର କୃତାଙ୍ଗ ' ଗ୍ରନ୍ଥ ରେ କୁହାଯାଇଛି ଯେ " କଳିଙ୍ଗର ଏହି ରାଜଧାନୀ ନଗର କଳିଙ୍ଗ ର ରାଜା ତଥା ଧନୀ ସୌଦାଗର ମାନଙ୍କର ଗଜଦନ୍ତ ନିର୍ମିତ ପ୍ରାସାଦବଳୀ ରେ ଶୋଭିତ ଥିବାରୁ ଦନ୍ତପୁର ନାମରେ ଖ୍ୟାତିଲାଭ କରିଥିଲା।"



ଚନ୍ଦ୍ରବିଜୟୀ ମିଶ୍ର

**"ରାଜା ଦନ୍ତବକ୍ର" ବନାମ ସୌଦାଗର 'ଧନମିତ୍ର' ଓ 'ଦୃଢମିତ୍ର':**

ଦନ୍ତପୁରରେ ରାଜା ଥିଲେ ଦନ୍ତବକ୍ର। ତାଙ୍କର ଗର୍ଭବତୀ ରାଣୀଙ୍କର ଇଛା ଅନୁଯାୟୀ ସେହି ରାଜା ଗଜଦନ୍ତରେ ଏକ ପ୍ରାସାଦ ନିର୍ମାଣ କରିବାକୁ ଚାହିଁଲେ। ତେଣୁ ବିଭିନ୍ନ ଅଞ୍ଚଳରୁ ହସ୍ତୀଦନ୍ତ ସଂଗ୍ରହ ପାଇଁ ଘୋଷଣା କରାଗଲା।ଠିକ ସେହି ସମୟରେ କଳିଙ୍ଗର ଜନୈକ ଧନୀ ସୌଦାଗର ଧନମିତ୍ର ତାଙ୍କର ଗର୍ଭବତୀ ସ୍ତ୍ରୀଙ୍କ ଇଛା ପୂରଣ ପାଇଁ ଏକ ହସ୍ତୀଦନ୍ତ ର ହର୍ମ୍ୟ ନିର୍ମାଣ କରୁଥିଲେ ଓ ସେହି କାର୍ଯ୍ୟରେ ତାଙ୍କର ବନ୍ଧୁ ଦୃଢମିତ୍ର ସାହାଯ୍ୟ କରୁଥିଲେ। ତେଣୁ ଏହି ଦୁଇ ସୌଦାଗର ସେମାନଙ୍କ ନିକଟରେ ଥିବା ହସ୍ତୀଦନ୍ତ ରାଜା ଦନ୍ତବକ୍ର ଙ୍କୁ ପ୍ରଦାନ କଲେନାହିଁ ଓ ଏତଦ୍ୱାରା ରାଜାଜ୍ଞା ଉଲ୍ଲଙ୍ଘନ ହେବାରୁ ସେ ଦୁହେଁ ଅଭିଯୁକ୍ତ ହେଲେ।

ତେବେ ବିଚାର ସମୟରେ ଯେବେ ଦନ୍ତବକ୍ର ଜାଣିପାରିଲେ ଯେ, ଉକ୍ତ ସୌଦାଗର ଧନମିତ୍ର ତାଙ୍କପରି ନିଜର ପତ୍ନୀଙ୍କର ଇଛା ପୂରଣରେ ଲାଗିଛନ୍ତି, ସେ ନିଜର ଭୁଲ ବୁଝିପାରି ସେମାନଙ୍କୁ ଅଭିଯୋଗରୁ ମୁକ୍ତ କରିଥିଲେ। ତେବେ ରାଜା ଦନ୍ତବକ୍ର ତାଙ୍କର ପ୍ରାସାଦ କୁ ତଥା ଧନମିତ୍ର ତାଙ୍କର ହର୍ମ୍ୟକୁ ଗଜଦନ୍ତ ରେ ଯେ ନିର୍ମାଣ କରିଥିଲେ- ଏକଥା 'ସୂତ୍ର କୃତାଙ୍ଗ' ନାମକ ଜୈନଗ୍ରନ୍ଥ ରୁ ଜଣାଯାଏ।

ହସ୍ତୀଦନ୍ତ କାରିଗରୀ ବିଦ୍ୟାର ପ୍ରୟୋଗଶାଳ ତଥା ଦନ୍ତଶିଳ୍ପ ର ଧାରଣ ଭୂମି ଭାବେ ଦନ୍ତପୁର ସହରର ନାମକରଣ ହୋଇଥିଲା ଓ ଏହା କଳିଙ୍ଗ ର ରାଜଧାନୀ ତଥା ଏକ ପୋତାଶ୍ରୟ ସହର ଭାବେ ପ୍ରସିଦ୍ଧିଲାଭ କରିଥିଲା।

[ତେବେ ଆଉକେତେକ ଐତିହାସିକ ଯୁକ୍ତି କରନ୍ତି ବୁଦ୍ଧଙ୍କ ମହାପ୍ରୟାଣ ପରେ ପରେ ତାଙ୍କର ବାମକଳଦାନ୍ତ ଏହି ନଗରରେ ସଂରକ୍ଷିତ ଥିବାରୁ ଏହା ଦନ୍ତପୁର ନାମରେ ପ୍ରଖ୍ୟାତ ହୋଇଥିଲା।

**ଜୈନ କ୍ଷେତ୍ର 'ପିଥୁଣ୍ଡ ନଗର':**

ଜୈନ "ଉତ୍ତରାଧ୍ୟାୟନ ସୂତ୍ର " ରେ ଏହି ସହର 'ପିହୁଣ୍ଡ' ନାମରେ ବର୍ଣ୍ଣିତ। ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରେ ଏହା ପିହୁଡ, ଟଲେମିଙ୍କ ଭୂଗୋଳ ରେ 'ପିଟୁଣ୍ଡ' ତଥା ବୌଦ୍ଧଗ୍ରନ୍ଥ 'ଗଣ୍ଡବ୍ୟୁହ ' ରେ ଏହା 'ପୃଥୁରାଷ୍ଟ୍ର ' ନାମ ରେ ଉଲ୍ଲେଖିତ। ଭୌଗୋଳିକ ଟଲେମିଙ୍କ ଲେଖାନୁଯାୟୀ ଏହି ନଗର ମହାନଦୀ ଓ ଗୋଦାବରୀ ନଦୀ ଦ୍ୱୟର ମୁହାଣ ଠାରୁ ସମଦୂରରେ ସମୁଦ୍ରକୂଳ ରେ ଅବସ୍ଥିତ ଥିଲା। ପିଥୁଣ୍ଡ ନଗର ଅତୀତରେ କଳିଙ୍ଗ ର ଏକ ପ୍ରଭାବଶାଳୀ ସହର ଥିଲା ଓ କେହି କେହି କହନ୍ତି, ଅନେକ କାଳ ଏହା କଳିଙ୍ଗ ର ରାଜଧାନୀ ଭାବେ ମଧ୍ଯ ଗୃହୀତ ହୋଇଥିଲା। 'ଉତ୍ତରାଧ୍ୟାୟନ ସୂତ୍ର ' ଗ୍ରନ୍ଥ କହେ- ଏହା ଏକ ଧର୍ମପୀଠ ଥିଲା।ସମ୍ଭବତଃ ଏଠାରେ 'କାଳିଙ୍ଗ ଜୀନ' ଙ୍କର ପ୍ରତିମା ପ୍ରତିଷ୍ଠିତ ଥିଲା। ଦୂର ଦେଶର ଲୋକମାନେ ବାଣିଜ୍ୟ କାରବାର ପାଇଁ, କେହି କେହି କାଳିଙ୍ଗ ଜୀନଙ୍କ ଦର୍ଶନ ପାଇଁ ଏଠାକୁ ଉଭୟ ଜଳ ଓ ସ୍ଥଳପଥ ରେ ଆସୁଥିଲେ। ଏହି କାଳିଙ୍ଗ ଜୀନଙ୍କ ମୂର୍ତ୍ତିକୁ ଖ୍ରୀଷ୍ଟ ପୂର୍ବ ଚତୁର୍ଥ ଶତକରେ ମହାପଦ୍ମ ନନ୍ଦ ଅପହରଣ କରିନେଇ ଥିବା କଥା ଇତିହାସ ରୁ ଜଣାଯାଏ।

**ମହାବୀର ସ୍ୱାମୀ ଓ କଳିଙ୍ଗ:**

ଜୈନଧର୍ମ ରେ ମହାବୀର ସ୍ୱାମୀଙ୍କୁ ଚତୁର୍ବିଂଶ ତୀର୍ଥଙ୍କର ବୋଲି କୁହାଯାଏ। ସେ " ପଞ୍ଚଯାମ ଜୈନଧର୍ମ "ର ପ୍ରଚାର ନିମନ୍ତେ କଳିଙ୍ଗ କୁ ଆଗମନ କରିଥିବା କଥା 'ଜୈନ ହରିବଂଶ ' ଗ୍ରନ୍ଥ ରୁ ଜଣାଯାଏ ଓ ଉକ୍ତ ଗ୍ରନ୍ଥ କହେ ସମସାମୟିକ କଳିଙ୍ଗ ଶାସକ ଥିଲେ ମହାବୀର ସ୍ୱାମୀଙ୍କ ଜଣେ ଆତ୍ମୀୟ। ଐତିହାସିକ ନବୀନ କୁମାର ସାହୁ କୁହନ୍ତି " ମହାବୀର ସ୍ୱାମୀ କୁମାରୀ ପର୍ବତ (ଭୁବନେଶ୍ୱର ର ଉଦୟଗିରି) ଠାରେ 'ବିଜୟ ଚକ୍ର ' ପ୍ରବର୍ତ୍ତନ କରିଥିଲେ। ତେଣୁ ମହାବୀର ଜୈନଙ୍କ ଧର୍ମ ପ୍ରଚାରକ କାର୍ଯ୍ୟର ଆଦିକ୍ଷେତ୍ର ଭାବେ କୁମାରୀ ପର୍ବତ ଏକ ତୀର୍ଥ ସ୍ଥଳ ଭାବେ ଜୈନ ଜଗତରେ ପ୍ରସିଦ୍ଧିଲାଭ କରିଅଛି।

କ୍ରମଶଃ...

# PATITAPABANA JAGANNATH

Dr. Saroj Kumar Panda

The term Patitapabana indicates the lord of the lower section of the society. The earliest reference to Patitapabana Jagannath is found from the Mahabharata of Sarala Das of 15th Century A.D. In this Mahabharata Sarala Das does not refer to the relief of Patitapabana of the Lion Gate of the Jagannath Temple at Puri. He refers to Patitapabana-Jagannath in the Ratnasimhasana. In the Purusottama Khanda of the Skanda Purana, Kapila Samhita and Niladri Mahodaya Devadideva Jagannath has been described as Parama-pabana but not as Patita-pabana. It makes clear that Parama-pabana Jagannath has not been accepted as Patita-pabana by the Brahmanic sections of the society in the 14th- 15th century A.D.

The concept of Pattapabana was known in the Pre-Sarala Das period. Late Kedarnath Mohapatra gave an evidence of the worship of Patitapabana Jagannath in the 13th Century AD. Of course Late Mohapatra borrowed this evidence from the work of Radha Charana Panda. Mr. Panda writes:

*Antarvedi Matha is situated near Tribeni Ghat on the bank of the Prachi river. In a thatched house near the Matha the image of Patitapabana is worshipped. It is doubted that an image of Jagannath of the 13th century AD. could have been worshipped near Tribeni Ghat as Patitapabana in the post Sarala Das period".

During the Suryavamsi Gajapati period, Paramapabana Jagannath was popular as Patitapabana. Patitapabana Jagannath had the power to liberate the Patitas (fallens). At that time low caste people in Bengal became Muslims because of their detachment from Hinduism Therefore a powerful section of Odishan Society became conscious about this trend in Bengal and declared Jagannath as Patitapabana to discourage the low caste people in accepting the Islam.

It is well known that the Khurda king Ramachandra Dev-II (1727-36 A.D.) came in contact with a Muslim girl. As a result he lost his religion and position as the first Sevaka of Lord Jagannath. Specially his right of entrance into the temple and the ritual duty in connection with Jagannath cult was denied to him. In order to allow Ramachandra Dev-II (who was deprived of this privileges) to worship and have a Darshan of Lord Jagannath, the relief of Patitapabana was consecrated in the Gumuta of the Lion gate of the temple. This worship of Patitapabana was duly highlighted in the Jagannath Charitamrita of Dibakar Das.

This Patitapabana worship in the Gumuta of Simhadwara could be possible for the willing (78support of the king to some of the Sevaks who desired it much against the Brahmanic power which was not in favour of this type of worship. For this reason in the Brahmanical texts like Niladri Mahodaya this event has not been described. Even the composer of Rajabhoga of Madalapan't was silent about it.

The worship of Patitapabana could be very much popular in Odisha after 16th-17th century AD. The deity gained extraordinary popularity in Odisha for the Gundicha and Snana Yatra on which occasion Jagannath could be seen and touched by all. It was the precious moment for the devotees to be purified from all their sins after a Darsan of the Lord. Hence the Yatra was associated with the name of Patitapabana. Kabi Samrat Upendra Bhanja has fittingly described this aspect in is work Kottbrahmanda Sundart. Another important cause for the popularity of Patitapabana in the Odishan religious thought sphere in the 17th-18th century AD. has been pointed out by H.V. Stietencron. He states that the continuous and the dangerous presence of the Muslims in Odisha had induced the Hindus to July - 2010

isolate themselves and to lay stress on orthodoxy. The god began to be cut off from the majority of his devotees. So they began to erect temples for Patitapabana as this aspect of Jagannath was then declared and appreciated in Odishan villages. By this way the influence of Patitapabana Jagannath was strongly felt in the Odishan religious thought sphere.

In the beginning, Patitapabana was worshipped as an image (Vigraha) in the Gumnuta of the Lion Gate of Srimandir. But after the period of Divyasimha Dev (1688-1716A.D.) the relief of the same god was worshipped in the same place. The attempt of Aurangzeb the Mughalking to destroy the Jagannath temple resulted only in removal of the wooden image of Jagannath from the Gumuta of the Lion gate.

Principal, Gadibrahma College, Delang, Puri

# SHREE JAGANNATH AND LORD BUDDHA "KESHAVA DHARUTA BUDDHA SARIRA, JAYA JAGADISA HARE"

Dr. C.B.Patel

The composite culture of Jagannath is very ancient and vast. The early history of this cult is difficult to know owing to lack of facts and recorded history. The Indradyumna episode suggests its origin in a blue hill or (Nilakandara). Narasimha was the primordial deity of this cult. Later on we worship Lord Jagannatha not as a solitary deity but in the form of a Triad. Credit goes to Chodagangadeva of Ganga dynasty who popularized this cult. The Patalesvara temple inscription describes for the first time the name of Jagannatha, Balabhadra and Subhadra. The epigraphs dated 1237 A.D. of the time of Anangabhimadeva mention the names of three deities as Halin (Balabhadra) Chakrin (Purushottama) and Subhadri (Subhadra), the great Triad consisting of Lord Jagannatha, the principal deity with His two companion deities, Lord Balabhadra and Subhadra. The popular Jagannath culture is a mysterious conception. Marry distinguished scholars from different parts of the country have attempted to solve the mystery of origin and evolution of Lord Jagannath. It is agreed by many scholars that the Jagannatha cult is in fact mystery and unfathomable.

Sri Jagannath is not an idol, though it is accepted by many as an idol or Vigraha. But He is actually accepted as a symbol. For this He appears in ceremonies in various forms and symbols. He does not belong to any faith but He is the symbol of all religions. For this, the Jains, the Buddhists, Vaishnavas, Saivas, Saktas and other cultists have accepted Him as their own deity. In the past many religious revolutions and Dr. C. B. Patel evolutions wanted to bring this cult under their fold, but all the faiths ultimately got assimilated in this cult and now Lord Jagannath is being recognized as the universal God. Buddhism has occupied a special status in this cult. There is lot of controversy among the historians regarding the birth place of Gautam Buddha. In the opinion of some scholars he was born in Nepal, some other think that he was born at Piprawa in Uttarprdesh of India. But scholars like P.C.Tripathi, A.K. Tripathi, Dr. C. B. Patel and many others have argued that the real birth place of Buddha was at Kapileswar in Orissa. This fact is corroborated from the discovery of a stone inscription from Kapileswar in Orissa. The epigraph describes that king Devanam Priyadarsi Asoka after 20 years of his anointment came to Kalinga and worshipped at this spot, because Buddha Sakyamani was born here. He also caused a stone pillar to be set-up and made the village of Lummunitax free. This inscription is now in Asutosh Museum of Kolkata. In addition to this there are also many other archaeological evidences which suggest that Buddha was born here. Lord Buddha entered into his mother's womb in the form of a white elephant. To memorise this king Asoka sculptured an elephant, which is now dazzling at Dhauli hill. All the Buddhist literature has mentioned the name of Tapasu and Bhalika, the two merchant brothers from Kalinga to have become his first disciples. In this way many strong evidences are available regarding the birth of Gautam Buddha in Orissa. Lord Buddha is also depicted as ninth incarnation (104) (Avatara) of Jagannatha cult. Undoubtedly the existence and extinct of Buddhism is intimately associated with Orissa.

The above researches have strongly reflected the Buddhist connection with Jagannatha cult. This is proved by the fact that the mention of Lord Jagannath is found for the first time in the Buddhist literature of Indrabhuti, the king of Sambalaka, the famous preacher of Vajrayana Buddhism. It is described in his Gyanasiddhi- "Pranipatya Jagannatham Sarvajina Virarchitam. Sarva Buddha Mayam Siddhi Vapinam □□□□□□□□□□□"

It is evident from these lines that Indrabhuti tried his best to bring unity and integrity among the Jagannatha culture and Buddhism. Lord Jagannath is mentioned as Buddha for the first time in this scripture. The goal of Buddhism is to achieve Nirvana or Salvation. For achieving this one should follow the three jewels (Tri Ratna) of Buddha ie. Buddha, Dharma and Sangha Similarly in Jagannatha cult, to get Salvation from this illusory world, one should take refuse at the feet of Lord Jagannath, Balabhadra and Subhadra. The Triad of Jagannatha is recognized as Buddhists triad of Buddha, Dharma and Sangha. Unlike Buddhism the Jagannatha cult also symbolizes non-violence and harmony.

The famous historian W. Hunter in his book 'The Indian Empire' compared the Car Festival of Lord Jagannath with the tooth-relic ceremony of Lord Buddha. The famous Chinese traveller Hieun-Tsang also stated that in order to commemorate the day of enlightenment of Gautam Buddha, the Buddhists take his remains in chariot to celebrate the car festival. This view is also accepted by great historian R.L.Mitra. According to him the car festival of Lord Jagannatha and other ceremonies have been derived from the Buddhist cult after the Nirvana of Lord Buddha at Kusinagara. Aperson named Therakhema brought his tooth-relic to Kaling, which is evident from the Buddhist literature. It

July - 2010. was worshipped by the then emperor of Kalinga at Dantapuriie. present Puri. Installing the relic in the chariot the annual car festival was being organised. It is believed by many scholars that the Navakalevara or the new embodiment of Lord Jagannatha is also connected with Buddhism. At this time the Danta or Brahma Dhatuie the original Buddhist relic were shifted into the new wooden deity.

It is believed by many that Brahma Dhatu of Jagannatha is in fact the tooth relic of Lord Buddha. There is a resemblance of one incomplete Jagannatha with Buddha at Bodhagaya. For this many scholars have accepted Lord Jagannatha as the symbol of Lord Buddha. The incarnation (Avatara) of Jagannatha in the form of Lord Buddha has also given the strong evidence to the above contentions. Many Purañas, Kavya and Poems have depicted Lord Jagannath and Lord Buddha as one and indivisible. Not only the Oriya literature but also the other frontier literature describe Jagannath in the similar way

In the past Puri was known as Dantapuri as Therakshema brought the tooth relic of Lord Buddha. It was a big port and the traders from South-East Asia brought large amount of wealth through commercial transaction. From 6 century AD. to 8th century AD. there was a great revolution of Tantric Buddhism in Orissa. Part of the Vajrayanic Buddhism is linked with the Jagannatha cult. It is seen that most of the Vajrayanic Tantra of Buddhism like Rudra Yamala tantra, Brahma Yamala mantra and Kalika Purana were prevalent from 10 century A.D. in the worship of Lord Jagannath. During the time of Navakalevara ceremony of Lord Jagannatha, the soulie the tooth relic is transfered to new wooden image amidst esoteric practices. At last Lord Buddha was assimilated in the form of ninth incarnation of Lord Jagannatha and lost his separate existence.

Superintendent of Museum, Orissa, Bhubaneswar.

ନୀତିଶିକ୍ଷା



# ଦେହାତୀତ ଅବସ୍ଥା

ଭବତୋଷ ତ୍ରିପାଠୀ

ଗୋଟିଏ ଧନୀ ପରିବାରର ଜଣେ ଯୁବକଙ୍କ ବିଷୟରେ ଏହା ଏକ ସତ୍ୟ କାହାଣୀ। ଯୁବକ ଜଣକ ସମସ୍ତ ମନ୍ଦ ଅଭ୍ୟାସର ବଶବର୍ତ୍ତୀ ହୋଇ ବିଳାସପୂର୍ଣ୍ଣ ଖାଦ୍ୟ, ନାରୀ ଓ ମଦ୍ୟ ମଧ୍ୟରେ ସର୍ବଦା ମଜ୍ଜି ରହୁଥିଲେ। ଦିନେ ରାତିରେ ଝଡ଼ ଲାଗିରହିଥିବା ସମୟରେ ସେ ଗୋଟିଏ ସ୍ତ୍ରୀଲୋକ ଘରକୁ ଯିବାକୁ ବାହାରିଲେ। ସ୍ତ୍ରୀଲୋକଟିର ଘର ଥିଲା ନଦୀର ଆରପାରିରେ। ସେହି ସମୟରେ ନଦୀରେ ପ୍ରବଳ ବନ୍ୟା ଆସିଥିଲା। ଯେହେତୁ ଯୁବକଜଣକ ସ୍ତ୍ରୀଲୋକଟି ପ୍ରତି ଅତ୍ୟନ୍ତ ଆସକ୍ତ ହୋଇ ନିଜର ହିତାହିତ ଜ୍ଞାନ ଭୁଲି ଯାଇଥିଲେ, ପହଁରି ପହଁରି ନଦୀ ପାରହେବା କଥା ଚିନ୍ତାକଲେ। ସେ ଯେତେବେଳେ ପାଣି ଭିତରେ ପଶିଲେ, ଗୋଟିଏ କାଠଗଡ଼ ଭଳି ପ୍ରତୀୟମାନ ହେଉଥିବା ବସ୍ତୁକୁ ଧରି ଯେନତେନ ପ୍ରକାରେ ନଦୀ ପାର ହୋଇ କୂଳରେ ପହଞ୍ଚିଲେ। ଫେରିବା ବେଳେ ଭେଳାଟି କାମରେ ଆସିବ ଭାବି କାଠଗଡ଼ ପରି ଦିଶୁଥିବା ବସ୍ତୁଟିକୁ ଟାଣି କୂଳରେ ରଖିଦେଲେ। ତା' ପରେ ସେ ସ୍ତ୍ରୀ ଲୋକଟିର ଘରକୁ ଯାଇ, ତା' କବାଟରେ ତାଲା ଝୁଲୁଥିବା ଦେଖିଲେ। ଗୃହ ନିକଟସ୍ଥ ବୃକ୍ଷରୁ ଝୁଲୁଥିବା ଗୋଟିଏ ବସ୍ତୁକୁ ଦଉଡ଼ି ଭାବି ତା' ସାହାଯ୍ୟରେ ଉପର ମହଲାକୁ ଉଠିଗଲେ। ସ୍ତ୍ରୀ ଲୋକଟି କବାଟ ଖୋଲି ଯୁବକଙ୍କୁ ଘର ଭିତରକୁ ନେଲା। ସେ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ କିପରି ନଦୀ ପାର ହୋଇ ଆସିବା ସମ୍ଭବ ହେଲା ଏବଂ ତା' ଘରର ସର୍ବୋଚ୍ଚ ମହଲାକୁ ଉଠିବା କିପରି ସମ୍ଭବ ହେଲା ବୋଲି ପଚାରିଲା।

କେବଳ ଦୁଃସାହସିକ କାହାଣୀ କହିବାରେ ସନ୍ତୋଷ ନ ରହି ଯୁବକଟି ସ୍ତ୍ରୀଲୋକଟିକୁ ବାହାରକୁ ଡାକି ନେଇ କିପରି ନଦୀ ପାର ହୋଇଥିଲେ ଓ ଛାତ ଉପରକୁ ଉଠିଥିଲେ, ତାହା ଦେଖାଇ ଦେଲେ। ସ୍ତ୍ରୀ ଲୋକଟି ଅନୁସନ୍ଧାନ କରି ଜାଣିଲେ ଯେ ଯେଉଁ ଦଉଡ଼ି ସାହାଯ୍ୟରେ ସେ ଉପର ମହଲାକୁ ଉଠିଥିଲେ, ତାହା ଦଉଡ଼ି ନଥିଲା  ଥିଲା ଗୋଟିଏ ପ୍ରକୃତ ସର୍ପ ଏବଂ ଯାହାକୁ ସେ କାଠଗଡ଼ ଭାବିଥିଲେ, ତାହା କାଠଗଡ଼ ନ ଥିଲା, ବାସ୍ତବରେ ତାହା ଥିଲା ଗୋଟିଏ ମଣିଷର ପଚା ଶବ।

ସ୍ତ୍ରୀଲୋକଟି ଏ ସମସ୍ତ ଦେଖି ବିଶ୍ୱାସ କରି ନପାରି ପଚାରିଲା, " ମୋର ଏ ଶରୀରରେ ଏପରି କ'ଣ ଅଛି ଯାହା ପ୍ରତି ତୁମେ ଏତେ ପରିମାଣରେ କାମାସକ୍ତ ଓ ଆକର୍ଷିତ, ଫଳସ୍ୱରୂପ ଏଠାକୁ ଆସିବାକୁ ନିଜ ଜୀବନକୁ ମଧ୍ୟ ବିପଦକୁ ଠେଲି ଦେଇ ପାରିଛ। ଯଦି ତୁମେ ସେତିକି ପରିମାଣର ପ୍ରେମଭାବ ଈଶ୍ୱରଙ୍କ ପ୍ରତି ରଖିପାରନ୍ତ, ତେବେ ତୁମେ ଭଗବାନଙ୍କୁ ପାଇପାରନ୍ତ।

ସେ ସ୍ତ୍ରୀଲୋକଟିର ବାକ୍ୟ ଗୁଡ଼ିକ ଯୁବକଙ୍କୁ ଅତିମାତ୍ରାରେ ପ୍ରଭାବିତ କରି ତାଙ୍କ ମନରେ ଜାଗରଣ ସୃଷ୍ଟି କଲା। ତେଣୁ ସେ ନିଜ ଗୃହକୁ ଫେରିବା ପରିବର୍ତ୍ତେ ଧ୍ୟାନ କରିବାକୁ ଜଙ୍ଗଲକୁ ଚାଲିଗଲେ। ଏହି ଯୁବକଙ୍କ ନାମ ବିଲ୍ୱମଙ୍ଗଳ। ପରବର୍ତ୍ତୀ ସମୟରେ ସେ ନିଜକୁ ଜଣେ ଉନ୍ନତ ସ୍ତରର ସାଧକ ଭାବରେ ପ୍ରତିଷ୍ଠିତ କରିପାରିଥିଲେ।

**ମର୍ମବାଣୀ:** ମନୁଷ୍ୟ ଯେତେବେଳେ ନିଜର ବିଷୟବାସନା ଓ ଇନ୍ଦ୍ରିୟ ଲାଳସାରେ ଅନ୍ଧ ହୋଇଯାଏ, ସେତେବେଳେ ସେ ନିଜର ହିତାହିତ ଜ୍ଞାନ ହରାଇ ବସେ। ସେହିପରି ଅବସ୍ଥାରେ ପରିବର୍ତ୍ତନ ସମ୍ଭବ ହୋଇପାରିବ, ଯେତେବେଳେ ଜଣେ ଉପଲବ୍ଧି କରିବ ଯେ, ତାକୁ ଦେହବୋଧ ଅବସ୍ଥା ତ୍ୟାଗକରି ଉର୍ଦ୍ଧ୍ୱକୁ ଉଠିବାକୁ ହେଓ୍ୱ।

ପାର୍ବତୀପୁର, ପୁରୀ
ମୋ – ୯୦୯୦୧୭୨୧୬୭

## ॥ ଓଁ ଶ୍ରୀ ଦୁର୍ଗାମାଧବାଭ୍ୟାଂ ନମଃ ॥



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରୀପାଠୀ ଶର୍ମା**
ଶ୍ରୀ ଲୋକନାଥ ରୋଡ, ହାତୀଶାଳ
ପୁରୀ : ୭୯୭୮୪୬୪୬୩୯



**ମେଷ ରାଶି:** ଏହି ମାସଟି ଆପଣଙ୍କର ସେତେ ଶୁଭଦାୟକ ନୁହେଁ। ଦେହ ପ୍ରାୟ ଭଲ ରହିବ। ଆୟ ଠାରୁ ବ୍ୟୟ ଅଧିକ ହୋଇପାରେ। ପାରିବାରିକ ଜୀବନରେ ଖୁସି ପାଇବେ। ବ୍ୟବସାୟରେ କ୍ଷତି ହୋଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରିବେ।

**ବୃଷ ରାଶି:** ଏହି ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିବ। ଶରୀରପୀଡ଼ା ଦେଖାଦେଇପାରେ। ଆୟ ଉତ୍ତମ ଧରଣର ରହିବ। ପାରିବାରିକ ଜୀବନରେ କିଛି ଅଶାନ୍ତି ହୋଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ।

**ମିଥୁନ ରାଶି:** ଏହି ମାସଟି ଆପଣଙ୍କର ଫଳ ଅଶୁଭଦାୟକ ରହିପାରେ। ଶାରୀରିକ ଅସୁସ୍ଥତା ଦେଖାଦେବ। ଆୟ ଠାରୁ ବ୍ୟୟ ଅଧିକ ହେବ। ପାରିବାରିକ ଜୀବନରେ ଅଶାନ୍ତି ରହିପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ ଅନୁଯାୟୀ ଫଳ ପାଇବେ।

**କର୍କଟ ରାଶି:** ଏହି ମାସଟିରେ ଆପଣଙ୍କର କିଛି ସମସ୍ୟା ଦେଖାଦେବ। ଦେହ ଭଲ ରହିବ। ଆୟ ଉତ୍ତମ ହେବ। ପାରିବାରିକ ଜୀବନରେ ସେତେ ଖୁସି ପାଇବେ ନାହିଁ। ବ୍ୟବସାୟରେ ଅଳ୍ପ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ଆନନ୍ଦ ସହ ଆଗେଇବେ।

**ସିଂହ ରାଶି:** ଏହି ମାସଟି ଆପଣଙ୍କର ଶୁଭାଶୁଭ ଫଳଦାୟକ ରହିବ। ଦେହ ସାଧାରଣତଃ ଭଲ ରହିବ। ଆୟ ଭଲ ହେବ। ପାରିବାରିକ ଜୀବନରେ ସାମାନ୍ୟ ସୁଖ ପାଇବେ। ବ୍ୟବସାୟରେ କମ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ମନଯୋଗ ଦେବେ।

**କନ୍ୟା ରାଶି:** ଏହି ମାସଟି ଆପଣଙ୍କର ଶୁଭଦାୟକ ରହିବ। ସାମାନ୍ୟ ଦେହପୀଡ଼ା ରହିପାରେ। ଆୟ ଅତ୍ୟନ୍ତ ଭଲ ହେବ। ପାରିବାରିକ ଜୀବନ ହସଖୁସିରେ କାଟିବେ। ବ୍ୟବସାୟରେ ଲାଭବାନ ହେବେ। ବିଦ୍ୟାର୍ଥୀମାନେ ପଢ଼ାରେ ଉଚ୍ଚଫଳ ପାଇବେ।

**ତୁଳା ରାଶି:** ଏହି ମାସଟି ଆପଣଙ୍କର ଶୁଭ ରହିବ। ସାମୟିକ ଦେହପୀଡା ରହିପାରେ। ଆୟ ଖୁବ ଭଲ ରହିବ। ପାରିବାରିକ ଜୀବନ ଆନନ୍ଦଦାୟକ ରହିବ। ବ୍ୟବସାୟରେ ଉତ୍ତମ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ।

**ବିଛା ରାଶି:** ଏହି ମାସଟି ଆପଣଙ୍କର ଅଶୁଭଦାୟକ ରହିବ। ଶରୀର ଅସୁସ୍ଥ ରହିପାରେ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ପାରିବାରିକ ଜୀବନରେ ଅଶାନ୍ତି ହୋଇପାରେ। ବ୍ୟବସାୟରେ କ୍ଷତି ହୋଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ।

**ଧନୁ ରାଶି:** ଏହି ମାସଟି ଆପଣଙ୍କର ଅଶୁଭ ଫଳଦାୟକ ରହିପାରେ। ଶରୀର ପ୍ରାୟ ସୁସ୍ଥ ରହିବ। ଆୟ ବ୍ୟୟ ପ୍ରାୟ ସମାନ ରହିବ। ପାରିବାରିକ ଜୀବନରେ କିଛି ଦୁଃଖ ରହିପାରେ। ବ୍ୟବସାୟରେ ମଧ୍ୟମ ଫଳ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରିବେ।

**ମକର ରାଶି:** ଏହି ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିବ। ଶରୀର ପୀଡା ଦେଖାଦେଇପାରେ। ଆୟ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ଜୀବନ ଆନନ୍ଦର ସହ କାଟିବେ। ବ୍ୟବସାୟରେ ଅଳ୍ପ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ସଫଳ ହେବେ।

**କୁମ୍ଭ ରାଶି:** ଏହି ମାସଟି ଆପଣଙ୍କର ଅଶୁଭଦାୟକ ରହିବ। ଦେହ ସାଧାରଣତଃ ଭଲ ରହିବ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ପାରିବାରିକ ଜୀବନରେ କିଛି ଦୁଃଖ ରହିଛି। ବ୍ୟବସାୟରେ କ୍ଷତି ହୋଇପାରେ। ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ମନ ଦେବେ ନାହିଁ।

**ମୀନ ରାଶି:** ଏହି ମାସଟି ଆପଣଙ୍କର ଫଳ ମଧ୍ୟମ ଧରଣର ରହିବ। ଶରୀର ସୁସ୍ଥ ରହିବ। ଆୟ ଭଲ ହେବ। ପାରିବାରିକ ଜୀବନରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ଉତ୍ତମ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ଉଚ୍ଚଫଳ ପାଇବେ।




# ପୁରୀ ପୋଲିସ ପକ୍ଷରୁ ଆଚରଣଗତ ପ୍ରଶିକ୍ଷଣ କର୍ମଶାଳା

ପୁରୀ: ବିଶ୍ୱପ୍ରସିଦ୍ଧ ରଥଯାତ୍ରା-୨୦୨୬କୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ଆଚରଣଗତ ପ୍ରଶିକ୍ଷଣ କର୍ମଶାଳାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ରଥଯାତ୍ରା ଡ୍ୟୁଟିରେ ନିୟୋଜିତ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଜନସାଧାରଣ ଏବଂ ଶ୍ରଦ୍ଧାଳୁମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ, ସମ୍ବେଦନଶୀଳ ଓ ସେବାଭାବପୂର୍ଣ୍ଣ ବ୍ୟବହାର ସହିତ ବୃହତ୍ ଜନସମାଗମର ସୁଚାରୁ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷିତ କରିବା। ଏହି କର୍ମଶାଳା ପୁରୀ ଏସ୍‌ପି ଶ୍ରୀ ପ୍ରତୀକ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ଶ୍ରୀ ତପସ ରଞ୍ଜନ ଦାସ, ଏସ୍.ଏସ୍.ଏମ୍.ଏସ୍.ବି.ର ଡେପୁଟି କମାଣ୍ଡାଣ୍ଟ ଶ୍ରୀ କୌଶିକ ନାୟକ, ଶ୍ରୀ ଦୀପକ ଗଡ଼ନାୟକଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ, ଏସ୍.ଏସ୍.ଏମ୍.ଏସ୍.ବି. ଅଧିକାରୀ ଏବଂ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସହ ଜଡ଼ିତ ଅଧିକାରୀମାନେ ଉପସ୍ଥିତ ଥିଲେ। କର୍ମଶାଳାରେ ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲ, ଭୁବନେଶ୍ୱରର ବିଶିଷ୍ଟ ବିଶେଷଜ୍ଞ ଡ଼ଃ ଅମୃତ ପଟ୍ଟଯୋଶୀ ଏବଂ ଡ଼ଃ ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇଥିଲେ। ସଭାକୁ ସମ୍ବୋଧିତ କରି ପୁରୀ ଏସ୍‌ପି ଶ୍ରୀ ପ୍ରତୀକ ସିଂ କହିଥିଲେ ଯେ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀକୁ ଆସିଥାନ୍ତି ଏବଂ ପ୍ରତ୍ୟେକ ପୋଲିସ କର୍ମଚାରୀଙ୍କ ଆଚରଣ ହିଁ ପୁରୀ ପୋଲିସର ପ୍ରକୃତ ପରିଚୟକୁ ପ୍ରତିଫଳିତ କରିଥାଏ। ତେଣୁ ପ୍ରତ୍ୟେକ କର୍ମଚାରୀଙ୍କୁ ଜନବନ୍ଧୁ ପୋଲିସିଂର ମନୋଭାବ ନେଇ କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁମାନଙ୍କ ସମସ୍ୟାକୁ ବୁଝି ସେମାନଙ୍କୁ ଆବଶ୍ୟକ ସହାୟତା ଓ ସମ୍ମାନଜନକ ବ୍ୟବହାର ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। ଏହି କର୍ମଶାଳାରେ ପୁରୀ ପୋଲିସ ଏବଂ ଏସ୍.ଏସ୍.ଏମ୍.ଏସ୍.ବି.ର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ସମସ୍ତେ ରଥଯାତ୍ରା ସମୟରେ ଉତ୍ତମ ଆଚରଣ, ଦକ୍ଷ ଜନଗହଳି ପରିଚାଳନା ଏବଂ ଭକ୍ତମାନଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ।




# ଶ୍ରୀକ୍ଷେତ୍ରରେ ଅତ୍ୟାଧୁନିକ ତାଳବଣିଆ ଥାନାର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ପୁରୀ: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପୁରୀ ତାଳବଣିଆ ଥାନା କୋଠା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନବନିର୍ମିତ ପୋଲିସ ଭିତ୍ତିଭୂମିର ଉଦ୍‌ଘାଟନ କରିଛନ୍ତି। ଏହାସହିତ ଆଭାସୀ ମାଧ୍ୟମରେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁସ୍ଥିତ ଏସ୍‌ଡିପିଓ କାର୍ଯ୍ୟାଳୟ, ଯାଜପୁରର ବ୍ରହ୍ମବରଦା ଥାନା, ତୃତୀୟ ବାଟାଲିୟନ କୋରାପୁଟର ପ୍ରଶାସନିକ ଭବନ ଓ ଅସ୍ତ୍ରାଗାର ଗୃହ ସମେତ ଭୁବନେଶ୍ୱର, କଟକ ଓ ଯାଜପୁରରେ ସର୍ବମୋଟ ୬୫୮ଟି ପୋଲିସ ଆବାସିକ ଗୃହର ମଧ୍ୟ ଲୋକାର୍ପଣ କରାଯାଇଛି। ରାଜ୍ୟରେ ଆଇନଶୃଙ୍ଖଳା, ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସରକାର ଅହରହ ଉଦ୍ୟମ ଜାରି ରଖିଛନ୍ତି ବୋଲି ତାଳବଣିଆଠାରେ ପୋଲିସ ଷ୍ଟେସନ ଉଦଘାଟନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି । ପୋଲିସ କର୍ମଚାରୀଙ୍କ କଲ୍ୟାଣ ପ୍ରତି ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରି ସେ କହିଛନ୍ତି ଯେ ଜନସାଧାରଣଙ୍କ ସୁରକ୍ଷା ଏବଂ ସେମାନଙ୍କ ଉତ୍ତମ ସେବା ପ୍ରଦାନ କରିବାରେ ପୋଲିସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପୋଲିସ କର୍ମୀ ମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଆମ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଯେ, ଆମେ ଆମ ରାଜ୍ୟର ଆଇନ ଶୃଙ୍ଖଳା, ସୁରକ୍ଷା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ଅହରହ ଉଦ୍ୟମ ଜାରି ରଖିଛୁ। ସରକାରଙ୍କ ଭିତ୍ତିଭୂମି ବିକାଶ ଯୋଜନାକୁ ନେଇ ଆଶା ପ୍ରକାଶ କରି ସେ କହିଛନ୍ତି, ଯେ ଆମ ସରକାର ପୋଲିସ ଭିତ୍ତିଭୂମିରେ ଉନ୍ନତି ଆଣିବା ସହିତ ଆଇନର ଶାସନ ପ୍ରତିଷ୍ଠା ପାଇଁ ସର୍ବଦା ତତ୍ପର । ଏହାର ପ୍ରମାଣ ସ୍ୱରୂପ ଆଜି ବ୍ରହ୍ମବରଦା ଓ ତାଳବଣିଆ ଠାରେ ଅତ୍ୟାଧୁନିକ ଥାନାଗୃହକୁ ଲୋକାର୍ପିତ କରାଯାଇଛି।

ଏହି ନବନିର୍ମିତ ଥାନା ଗୁଡ଼ିକରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ଅନେକ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଥାନାଗୁଡ଼ିକରେ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ୍ ବ୍ୟବସ୍ଥା, ବାରାକ୍, ସମ୍ମିଳନୀ କୋଠରୀ, ସନ୍ଦିଗ୍ଧ ଓ ସାକ୍ଷୀ ପରୀକ୍ଷା କୋଠରୀ, ୱେୟାରଲେସ୍ ସୂଚନା କେନ୍ଦ୍ର, ସ୍ୱତନ୍ତ୍ର ସ୍ୱାଗତ କକ୍ଷ ଏବଂ ମହିଳା ଓ ଶିଶୁ ସହାୟତା କେନ୍ଦ୍ର ସହ ୨୪ ଘଣ୍ଟିଆ ସିସିଟିଭିର ସୁବିଧା ରହିଛି।

ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ପୁରୀ ସାଂସଦ ଶ୍ରୀ ସମ୍ବିତ ପାତ୍ର ଜନସାଧାରଣଙ୍କ ପ୍ରତି ପୋଲିସର ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଛନ୍ତି। ନିଜ ଅଭିଭାଷଣରେ ସେ କହିଛନ୍ତି ଯେ, 'ହସ୍ପିଟାଲ ହେଉ କିମ୍ବା ଥାନା ଏଠାକୁ କେବଳ ଅସହାୟ ଓ ଆବଶ୍ୟକତା ଥିବା ଲୋକମାନେ ହିଁ ଆସିଥାନ୍ତି। ତେଣୁ ସେମାନଙ୍କ ସମସ୍ୟାକୁ ସହାନୁଭୂତିର ସହ ବୁଝିବା ଏବଂ ସେମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଆମର ପ୍ରଥମ କର୍ତ୍ତବ୍ୟ।' ଏହି ନୂତନ ତାଳବଣିଆ ପୋଲିସ ଭବନ ଆଗାମୀ ଦିନରେ କେବଳ ଏକ ସରକାରୀ କୋଠା ହୋଇ ନରହି, ସାଧାରଣ ଲୋକଙ୍କ ଭାବନା ଓ ଆଶାଆକାଂକ୍ଷାକୁ ବୁଝି କାର୍ଯ୍ୟ କରିବ ବୋଲି ସାଂସଦ ଆଶା ପ୍ରକଟ କରିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଓ ମାର୍ଗଦର୍ଶନ ଯୋଗୁଁ ଆଜି ରାଜ୍ୟ ପୋଲିସ ବାହିନୀରେ ବ୍ୟାପକ ସଂସ୍କାର ଆସିପାରିଛି। ଏହା ଆଗାମୀ ଦିନରେ ଜନସାଧାରଣଙ୍କୁ ଅଧିକ ସ୍ୱଚ୍ଛ, ଦକ୍ଷ ଏବଂ ଗୁଣାତ୍ମକ ପୋଲିସ ସେବା ଯୋଗାଇବାରେ ବେଶ୍ ସହାୟକ ହେବ ବୋଲି ଡିଜିପି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନୀଲ ମହାନ୍ତି, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ଅତିରିକ୍ତ ପୋଲିସ ମହା ନିର୍ଦ୍ଦେଶକ ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡା ଏବଂ ପୁରୀ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୧୨ ବର୍ଷର ଯାତ୍ରା...

ସ୍ୱାସ୍ଥ୍ୟ ସେବା ପରି ପ୍ରସଙ୍ଗରେ ଭାରତ ଗ୍ଲୋବାଲ ସାଉଥର ସ୍ୱରକୁ ବିଶ୍ୱ ମଞ୍ଚରେ ପହଞ୍ଚାଇଛି।

କୋଭିଡ୍ ସମୟରେ "Vaccine Maitri" କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ଦେଶକୁ ଟିକା ଯୋଗାଇ ଭାରତ ମାନବତାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲା।

**ସାଂସ୍କୃତିକ କୂଟନୀତି ଓ ଭାରତୀୟ ସଫ୍ଟ ପାୱାର :** ଯୋଗ, ଆୟୁର୍ବେଦ, ଭାରତୀୟ ସଂସ୍କୃତି, ବୌଦ୍ଧ ଐତିହ୍ୟ ଓ ପ୍ରବାସୀ ଭାରତୀୟମାନଙ୍କୁ ଭାରତର ସଫ୍ଟ ପାୱାରର ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରାଯାଇଛି।

ଜାତିସଂଘ ଦ୍ୱାରା ୨୧ ଜୁନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ସ୍ୱୀକୃତି ମିଳିବା ଭାରତର ସାଂସ୍କୃତିକ କୂଟନୀତିର ଏକ ଐତିହାସିକ ସଫଳତା। ଆଜି ବିଶ୍ୱର କୋଟି କୋଟି ଲୋକ ଯୋଗ ଓ ଭାରତୀୟ ଜୀବନ ଦର୍ଶନକୁ ଆପଣାଇଛନ୍ତି।

**ପ୍ରବାସୀ ଭାରତୀୟ:** ବିଶ୍ୱରେ ଭାରତର ଦୂତ :ପ୍ରବାସୀ ଭାରତୀୟମାନଙ୍କ ସହ ସମ୍ପର୍କକୁ ସରକାର ନୂତନ ମାତ୍ରା ଦେଇଛି। ବିଶ୍ୱର ବିଭିନ୍ନ ଦେଶରେ ବସବାସ କରୁଥିବା ଭାରତୀୟମାନେ ଆଜି ଦେଶର ଅର୍ଥନୀତି, ପ୍ରଯୁକ୍ତି ଓ କୂଟନୀତିର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ।

ସଙ୍କଟ ସମୟରେ ବିଦେଶରେ ଥିବା ଭାରତୀୟଙ୍କୁ ଉଦ୍ଧାର କରିବାରେ ଭାରତର କ୍ଷମତା ମଧ୍ୟ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି। ୟୁକ୍ରେନ, ସୁଦାନ ଓ ଅନ୍ୟାନ୍ୟ ସଙ୍କଟପୂର୍ଣ୍ଣ ଅଞ୍ଚଳରୁ ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଏହାର ପ୍ରମାଣ।

**ଆର୍ଥିକ କୂଟନୀତି ବିନିଯୋଗର ନୂଆ ଦିଗନ୍ତ :** ବୈଦେଶିକ ନୀତିକୁ ଆର୍ଥିକ ବିକାଶ ସହ ଯୋଡ଼ିବାରେ ମୋଦୀ ସରକାର ସଫଳ ହୋଇଛି। "Make in India", "Digital India", "Startup India" ଓ "Atmanirbhar Bharat" ପରି ପଦକ୍ଷେପକୁ ବିଶ୍ୱ ନିବେଶକମାନଙ୍କ ସମ୍ମୁଖରେ ସଫଳ ଭାବେ ଉପସ୍ଥାପନ କରାଯାଇଛି।

ଆଜି ଭାରତ ବିଶ୍ୱର ଅନେକ କମ୍ପାନୀ ପାଇଁ ଏକ ପ୍ରମୁଖ ନିବେଶ ଗନ୍ତବ୍ୟସ୍ଥଳୀ। ଉତ୍ପାଦନ, ଡିଜିଟାଲ ପ୍ରଯୁକ୍ତି ଓ ନବସୃଜନ କ୍ଷେତ୍ରରେ ଭାରତର ଆକର୍ଷଣ ବଢ଼ିଛି।

**ଚ୍ୟାଲେଞ୍ଜ ମଧ୍ୟ ରହିଛି:** ତଥାପି ଏହି ସଫଳତା ମଧ୍ୟରେ କିଛି ଚ୍ୟାଲେଞ୍ଜ ମଧ୍ୟ ରହିଛି। ଚୀନ ସହ ସୀମା ବିବାଦ, ପାକିସ୍ତାନ ପ୍ରେରିତ ଆତଙ୍କବାଦ, ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା, ପଶ୍ଚିମ ଏସିଆର ଅସ୍ଥିରତା ଏବଂ ବଦଳୁଥିବା ଭୂ-ରାଜନୈତିକ ସମୀକରଣ ଭାରତ ପାଇଁ ଚ୍ୟାଲେଞ୍ଜ ହୋଇ ରହିବ।

କିନ୍ତୁ ଗତ ୧୨ ବର୍ଷର ଅନୁଭବ ଦେଖାଇଛି ଯେ ଭାରତ ଏହି ଚ୍ୟାଲେଞ୍ଜଗୁଡ଼ିକୁ ସୁଯୋଗରେ ପରିଣତ କରିବାର କ୍ଷମତା ରଖେ।

ଗତ ୧୨ ବର୍ଷରେ ଭାରତୀୟ ବୈଦେଶିକ ନୀତି କେବଳ ଦେଶର ସୀମାର ସୁରକ୍ଷା କିମ୍ବା କୂଟନୈତିକ ସମ୍ପର୍କର ବିସ୍ତାର ମଧ୍ୟରେ ସୀମିତ ରହିନାହିଁ। ଏହା ଭାରତର ଆତ୍ମବିଶ୍ୱାସ, ସଭ୍ୟତାଗତ ଚେତନା, ଆର୍ଥିକ ଆକାଂକ୍ଷା ଓ ବିଶ୍ୱ ନେତୃତ୍ୱର ପ୍ରତିଫଳନ ହୋଇଉଠିଛି।

ଆଜି ବିଶ୍ୱର କୌଣସି ବଡ଼ ସମସ୍ୟାର ସମାଧାନ ଭାରତକୁ ବାଦ ଦେଇ କଳ୍ପନା କରାଯାଇପାରେ ନାହିଁ। ଜଳବାୟୁ ପରିବର୍ତ୍ତନ ହେଉ କି ବିଶ୍ୱ ଶାନ୍ତି, ଉର୍ଜା ସୁରକ୍ଷା ହେଉ କି ଡିଜିଟାଲ ପରିବର୍ତ୍ତନ— ସବୁ କ୍ଷେତ୍ରରେ ଭାରତ ଏକ ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛି।

ଏହି ୧୨ ବର୍ଷର ଯାତ୍ରା ପ୍ରମାଣ କରିଛି ଯେ ଭାରତ ଆଉ କେବଳ ବିଶ୍ୱ ରାଜନୀତିର ଦର୍ଶକ ନୁହେଁ; ବରଂ ଏହାର ଏକ ପ୍ରଭାବଶାଳୀ ନିର୍ମାତା। ବିଶ୍ୱ ଦରବାରରେ ଭାରତୀୟ ବୈଦେଶିକ ନୀତିର ଏହି ବିଜୟଗାଥା ଆଗାମୀ ଦଶନ୍ଧିରେ ଏକ ବିକଶିତ, ସଶକ୍ତ ଓ ବିଶ୍ୱନେତୃତ୍ୱ ସମ୍ପନ୍ନ ଭାରତ ଗଢ଼ିବାର ଭିତ୍ତିପ୍ରସ୍ତର ହୋଇ ରହିବ।

### ପୁରୀ ହିଁ ବିଶ୍ୱର...

ଉପସ୍ଥିତିରେ ଆୟୋଜିତ ଏହି ସଭାରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରସାର ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମଧ୍ୟ ସାଂସଦ ସମ୍ବିତ ପାତ୍ରଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରି କହିଛନ୍ତି ଯେ, ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ହେଲାପରେ, ସେ ବ୍ୟକ୍ତିଗତ ଭାବେ ସାଂସଦ ଶ୍ରୀ ପାତ୍ରଙ୍କ ମାଧ୍ୟମରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ପାଖକୁ ଏକ ସ୍ପଷ୍ଟ ପତ୍ର ପ୍ରେରଣ କରିଥିଲେ। ସାଂସଦ ଶ୍ରୀ ପାତ୍ର ଓଡ଼ିଶାବାସୀ ଓ ସେବାୟତଙ୍କ ଭାବନାକୁ ପଶ୍ଚିମବଙ୍ଗ ସରକାରଙ୍କ ନିକଟରେ ଅତି ଯୁକ୍ତିଯୁକ୍ତ ଓ ଶାସ୍ତ୍ରସମ୍ମତ ଭାବେ ଉପସ୍ଥାପନ କରି ଏକ ସାଂସ୍କୃତିକ ସେତୁର କାର୍ଯ୍ୟ କରିଥିଲେ।

ପୁରୀ ସାଂସଦ ଶ୍ରୀ ସମ୍ବିତ ପାତ୍ର ନିଜ ଅଭିଭାଷଣରେ କହିଛନ୍ତି ଯେ, ଶାସ୍ତ୍ର ଓ ପରମ୍ପରା ଅନୁସାରେ ବିଶ୍ୱରେ 'ପୁରୀ' ହିଁ ଏକମାତ୍ର ଶ୍ରୀଜଗନ୍ନାଥ ଧାମ, ଏହାର ବିକଳ୍ପ ଅନ୍ୟ କୌଣସି ସ୍ଥାନ ହୋଇପାରିବ ନାହିଁ। ଦିଘାଠାରେ ମନ୍ଦିର ନିର୍ମାଣକୁ ଆମେ ସ୍ୱାଗତ କରୁଛୁ, କିନ୍ତୁ ତାକୁ 'ଧାମ'ର ଆଖ୍ୟା ଦେଇ ପୁରୀର ଗରିମାକୁ କ୍ଷୁଣ୍ଣ କରିବା ପାଇଁ ପଡ଼ୋଶୀ ରାଜ୍ୟର ତତ୍କାଳୀନ ସରକାର ଯେଉଁ ଅହଂକାର ପ୍ରଦର୍ଶନ କରିଥିଲେ, ମହାପ୍ରଭୁ ତାର ଉଚିତ ଜବାବ ଦେଇଛନ୍ତି।

ଏହି ଭବ୍ୟ ମହୋତ୍ସବରେ ଶ୍ରୀକ୍ଷେତ୍ରର ବିଭିନ୍ନ ପ୍ରମୁଖ ସେବାୟତ ସଂଘ, ଆଧ୍ୟାତ୍ମିକ ଅନୁଷ୍ଠାନ, ସାମାଜିକ ସଂଗଠନ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବୃନ୍ଦଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ସାଦର ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ,ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଶ୍ରୀ ସୁନୀଲ କୁମାର ମହନ୍ତି, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ଏବଂ ସତ୍ୟବାଦୀ ବିଧାୟକ ଶ୍ରୀ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ପୁରୀବାସୀଙ୍କ ତରଫରୁ କୃତଜ୍ଞତା ଜଣାଇଥିଲେ।

### ଜାତୀୟ କୃଷିମେଳା ...

ଛଉ, ଝାଡ଼ଖଣ୍ଡର ସାନ୍ଥାଳୀ ଓ ଝୁମୁର, ମଣିପୁରର ମଣିପୁରୀ, ଆସାମର ବିହୁ, ପଞ୍ଜାବର ଭାଙ୍ଗଡ଼ା, ଗୁଜୁରାଟର ଡାଣ୍ଡିଆ, ଗୋଆର ଫୁଗଡ଼ି, ଜମ୍ମୁ-କାଶ୍ମୀରର ଲୋକନୃତ୍ୟ, ହରିୟାଣାର ଲୋକନୃତ୍ୟ, ଆନ୍ଧ୍ରପ୍ରଦେଶର ବୀରନାଟ୍ୟମ୍, ପାହାଡ଼ୀ ନୃତ୍ୟ ଓ ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ଏବଂ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ଭାରତର ଲୋକଜୀବନର ବିଶାଳ ପରିସର ସହ ପରିଚିତ କରାଇଥିଲା। ମହୋଦଧି କୂଳରେ ରଙ୍ଗବେରଙ୍ଗ ପୋଷାକ, ଲୋକବାଦ୍ୟର ତାଳ ଓ ଜନଜାତି ସଙ୍ଗୀତର ମାଧୁର୍ଯ୍ୟ ପାଞ୍ଚ ଦିନ ଧରି ଏକ ଉତ୍ସବମୁଖର ପରିବେଶ ସୃଷ୍ଟି କରିଥିଲା।

ଦ୍ୱିତୀୟ ସନ୍ଧ୍ୟାରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଥିଲେ ଯେ ଲୋକକଳା, ଆଦିବାସୀ ପରମ୍ପରା ଓ ଗ୍ରାମୀଣ ଭାରତର ସାଂସ୍କୃତିକ ଶକ୍ତିକୁ ସୁରକ୍ଷିତ ରଖିବା ପାଇଁ ଏପରି ଜାତୀୟ ଉତ୍ସବର ଆବଶ୍ୟକତା ରହିଛି। ସେହିଦିନ କାଳବେଲିଆ, ଛଉ ଓ ମଣିପୁରୀ ନୃତ୍ୟ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ଛାପ ଛାଡ଼ିଥିଲା।

ତୃତୀୟ ସନ୍ଧ୍ୟାରେ କେନ୍ଦ୍ର ବୈଦେଶିକ ଓ ବୟନ ଶିଳ୍ପ ମନ୍ତ୍ରୀ ପବିତ୍ର ମାର୍ଗେରିଟା ଯୋଗଦେଇ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ "ବିକଶିତ ଭାରତ- ଶ୍ରେଷ୍ଠ ଭାରତ" ଦୃଷ୍ଟିକୋଣକୁ ସାକାର କରିବାରେ ଏପରି ଲୋକମେଳା ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ଆସାମର ବିହୁ, ମଣିପୁରୀ ନୃତ୍ୟ ଓ ଗୋପଗୁଣ୍ଠନ ରାସର ତାଳେ ସ୍ୱର୍ଣ୍ଣାଭ ବେଳାଭୂମି ଝୁମି ଉଠିଥିଲା। କେନ୍ଦ୍ରମନ୍ତ୍ରୀ ଓ ପୁରୀ ସାଂସଦଙ୍କ ବିହୁ ନୃତ୍ୟରେ ସାମିଲ ହେବା ଏହି ସନ୍ଧ୍ୟାର ବିଶେଷ ଆକର୍ଷଣ ପାଲଟିଥିଲା।

ଚତୁର୍ଥ ସନ୍ଧ୍ୟାରେ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ବାଦ ଗ୍ରୁପ୍‌ର ଅଧ୍ୟକ୍ଷ ଓ ପୂର୍ବତନ ସାଂସଦ, ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଲୋକମେଳା ଏକ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗଣତାନ୍ତ୍ରିକ ମହୋତ୍ସବ। "**ଜଗନ୍ନାଥ ହେଉଛନ୍ତି ଆମ ଅସ୍ମିତା। ଲୋକମେଳା ଓ କୃଷିମେଳା ଶତାୟୁ ହେଉ, ସୁବର୍ଣ୍ଣ ଜୟନ୍ତୀ ପାଳନ କରୁ ଏବଂ ଭବିଷ୍ୟତରେ ଅନ୍ତର୍ଜାତୀୟ ମହୋତ୍ସବରେ ପରିଣତ ହେଉ," ବୋଲି ସେ କହିଥିଲେ। ସେହି ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଲୋକପରମ୍ପରା ଓ ସଂସ୍କୃତି ସଂରକ୍ଷଣରେ ଯୁବପିଢ଼ିର ଭୂମିକା ଉପରେ ମତ ରଖିଥିଲେ।

ଲୋକମେଳା ଯେଉଁଠି ଭାରତର ଆଦିବାସୀ ଓ ଲୋକ ସଂସ୍କୃତିର ଜୀବନ୍ତ ଦର୍ପଣ ସାଜିଥିଲା, ସେଠାରେ କୃଷିମେଳା ଭାରତର କୃଷି ଓ ଗ୍ରାମୀଣ ଅର୍ଥନୀତିର ଭବିଷ୍ୟତ ଦିଗ ଦର୍ଶାଇଥିଲା। କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ, ପଶୁପାଳନ, ଜୈବ ପ୍ରଯୁକ୍ତି, ଜୈବିକ ଚାଷ, ଔଷଧୀୟ ଉଦ୍ଭିଦ, କୃଷି ବ୍ୟବସାୟ, ଆର୍ଥିକ ସଶକ୍ତିକରଣ, ପାଣିପାଗ ସୂଚନା ଓ ଆଧୁନିକ କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ ପ୍ରଦର୍ଶନୀଗୁଡ଼ିକ କୃଷକ ଓ ଗବେଷକଙ୍କୁ ନୂଆ ଦିଗ ଦେଖାଇଥିଲା। ଦେଶର ବିଭିନ୍ନ କୃଷି ଅନୁଷ୍ଠାନ, ଗବେଷଣା ସଂସ୍ଥା, ବ୍ୟାଙ୍କ ଓ ସରକାରୀ ବିଭାଗ ଏହି ମେଳାରେ ଅଂଶଗ୍ରହଣ କରି କୃଷି ଜ୍ଞାନ ଓ ପ୍ରଯୁକ୍ତି ପ୍ରସାରରେ ସହଯୋଗ କରିଥିଲେ।

ପ୍ରତିଦିନ ଶିଶୁ ସାଂସ୍କୃତିକ ପର୍ବ, ଲୋକଗୀତ, ଜନଜାତି ନୃତ୍ୟ, ହସ୍ତଶିଳ୍ପ ପ୍ରଦର୍ଶନୀ ଓ କୃଷି ପ୍ରଦର୍ଶନୀ ଦର୍ଶକଙ୍କୁ ନୂତନ ଅନୁଭୂତି ଦେଇଥିଲା। ବିଭିନ୍ନ ରାଜ୍ୟର କଳାକାର ଦଳମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ଆଗାମୀ ରୌପ୍ୟ ଜୟନ୍ତୀ ଲୋକମେଳା ପାଇଁ ଶ୍ରୀମନ୍ଦିରର ମହାପ୍ରସାଦ ଓ ଗୁଆ ନିମନ୍ତ୍ରଣ ଅର୍ପଣ କରାଯାଇଥିଲା।

ପାଞ୍ଚ ଦିନର ଏହି ମହୋତ୍ସବ ଶେଷରେ ଏକ ସ୍ପଷ୍ଟ ବାର୍ତ୍ତା ଦେଇଯାଇଛି— ଭାରତର ଆତ୍ମା ତାହାର ଲୋକ ସଂସ୍କୃତି, ଜନଜାତି ପରମ୍ପରା ଓ କୃଷି ସଭ୍ୟତାରେ ନିହିତ। ପୁରୀର ପବିତ୍ର ଧରାରେ ଆୟୋଜିତ ଏହି ମହୋତ୍ସବ "ଏକ ଭାରତ, ଶ୍ରେଷ୍ଠ ଭାରତ"ର ଆଦର୍ଶକୁ କେବଳ ପ୍ରତିଫଳିତ କରିନାହିଁ, ବରଂ ଦେଶର ବିବିଧ ସଂସ୍କୃତି, ଲୋକକଳା ଓ କୃଷି ଜ୍ଞାନକୁ ଏକ ମଞ୍ଚରେ ଆଣି ଜାତୀୟ ଏକତାର ଜୀବନ୍ତ ଉଦାହରଣ ସୃଷ୍ଟି କରିଛି।

୨୪ ବର୍ଷର ଯାତ୍ରା ପରେ ଲୋକମେଳା ରୌପ୍ୟ ଜୟନ୍ତୀ ଅଭିମୁଖେ ଏବଂ କୃଷିମେଳା ତାହାର ସପ୍ତଦଶ ସଂସ୍କରଣ ସହ ନୂତନ ଉଚ୍ଚତାକୁ ଅଗ୍ରସର ହେଉଥିବା ବେଳେ, ପୁରୀର ମହୋଦଧି କୂଳରେ ରଚିତ ଏହି ପାଞ୍ଚ ଦିନର ଇତିହାସ ଆଗାମୀ ଦିନରେ ମଧ୍ୟ ଦେଶର ସାଂସ୍କୃତିକ ଓ କୃଷି ଚେତନାକୁ ପ୍ରେରଣା ଯୋଗାଇବ।

# ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ



ପୁରୀ: ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଶନିବାର ଦିନ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡକ୍ଟର ଜୟଶ୍ରୀ କମ୍ଭମପାଟିଙ୍କ ସହ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିରରେ ପହଞ୍ଚିବା ପରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)ର ମୁଖ୍ୟ ପ୍ରଶାସକ ଶ୍ରୀ ଅରବିନ୍ଦ କୁମାର ପାଢ଼ୀ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟପାଳ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଦର୍ଶନ କରି ଓଡ଼ିଶାର ନିରନ୍ତର ଶାନ୍ତି, ପ୍ରଗତି ଓ ସମୃଦ୍ଧି ସହ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରିଥିଲେ। ଦର୍ଶନ ପରେ ରାଜ୍ୟପାଳ ମନ୍ଦିର ପରିସରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ ଓ ଜିଲ୍ଲାପାଳ ଶ୍ରୀ ପରିଡ଼ା ରାଜ୍ୟପାଳଙ୍କୁ ମନ୍ଦିର ପ୍ରଶାସନ, ପରିଚାଳନା ଏବଂ ଭକ୍ତମାନଙ୍କ ପାଇଁ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।

# ଶିଶୁ ଶ୍ରମିକ ବିଲୋପ ପାଇଁ ସଚେତନତା ରଥ ଶୁଭାରମ୍ଭ




ପୁରୀ: ପୁରୀ ଜିଲ୍ଲାରେ ଶିଶୁ ଶ୍ରମିକ ବିଲୋପ ପାଇଁ ଜିଲ୍ଲାପାଳ ଶ୍ରୀ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶରେ ୧୫ ଦିନିଆ ବିଶେଷ କାର୍ଯ୍ୟକ୍ରମକୁ ଆୟୋଜିତ କରାଯାଇଅଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ଶରତ ଚନ୍ଦ୍ର ବେହେରା ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଶ୍ରୀ ଚୌଧୁରୀ ସୁବ୍ରତ କୁମାର ଜେନା ପ୍ରଭାଗୀୟ ଶ୍ରମ ଆୟୁକ୍ତ, ପୁରୀ, ଶ୍ରୀ ମନୋଜ କୁମାର ତ୍ରିପାଠୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ପୁରୀ ତଥା ପୁରୀ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ ସହକାରୀ ଶ୍ରମ ଅଧିକାରୀ ଓ କର୍ମଚାରୀ, ରୁଚିକା ସାମାଜିକ ସେବା ସଂଗଠନ ର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଗ୍ରୀନସିଟି ଅଟୋ ଚାଳକ ସଂଘ, ପୁରୀ, ପୁରୀ ପୌରପାଳିକା ଅଟୋ ଚାଳକ ସଂଘ, ପୁରୀ ଇତ୍ୟାଦିର ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଏହି ରଥ ସମଗ୍ର ଜିଲ୍ଲା ବୁଲି ଶିଶୁ ଶ୍ରମିକ ନିୟୋଜନ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବ ଏବଂ ଶିଶୁ ଶ୍ରମିକଙ୍କୁ ନା ବୋଲି ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରାଯିବ । ଉକ୍ତ କାର୍ଯ୍ୟକ୍ରମରେ ରଥ ପରିକ୍ରମା ଶୁଭାରମ୍ଭ ସହିତ ଏକ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରୁ ବାହାରି ଚୈତନ୍ୟ ଛକ, ସମୁଦ୍ରକୂଳ ପର୍ଯ୍ୟନ୍ତ ଯାଇଥିଲା । ଏହି ପଦଯାତ୍ରାରେ ଶିଶୁ କଲ୍ୟାଣ ସମିତି ର ଅଧ୍ୟକ୍ଷ,ସମସ୍ତ ସହକାରୀ ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ,ସାଧାରଣ ଜନତା,ନିର୍ମାଣ ଶ୍ରମିକ,ବିଭିନ୍ନ ଶ୍ରମିକ ସଙ୍ଗଠନ ର କର୍ମକର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ । ଏତଦବ୍ୟତୀତ ଖୁବ ଶୀଘ୍ର ଶିଶୁ ଶ୍ରମିକ ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇ ଉକ୍ତ କମିଟି ମେମ୍ବରଙ୍କ ମତାମତ ଅନୁସାରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇ ବିଭିନ୍ନ ସଂସ୍ଥା ମାନଙ୍କରେ ଚଢାଉ କରାଯାଇ ମାଲିକମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ପ୍ରକାଶ କରାଯାଇଥିଲା ।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ୧୨ ବର୍ଷ ସେବା, ସୁଶାସନ ଏବଂ ବିକାଶ ପୂରଣ କରିବା ଏବଂ ୪,୩୯୯ ଦିନ ପାଇଁ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ସେବା କରିବାର ଗୌରବମୟ ସୁଯୋଗ ପାଇବା ଅବସରରେ, ପୁରୀ ସମୁଦ୍ର କୂଳରେ କେନ୍ଦ୍ରୀୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ସାଂସଦ ଡ ସମ୍ବିତ ପାତ୍ର ଉପସ୍ଥିତିରେ ସ୍ୱଚ୍ଛତା ସହିତ ଶ୍ରମ ଦାନ କରି ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ କରିଛନ୍ତି




ପୁରୀର ବେଲଦୋଳ ପଞ୍ଚାୟତରେ ଆୟୋଜିତ 'ରଜ ମହୋତ୍ସବ' ଓ 'ରଜ ପର୍ବ' ନାରୀଶକ୍ତିର ସମ୍ମାନ, ଗୌରବ ଓ ସୃଜନଶୀଳତାର ମହାପର୍ବ ଅଟେ । ଓଡ଼ିଶାବାସୀ ଏହି ପବିତ୍ର ଉତ୍ସବକୁ ଅତ୍ୟନ୍ତ ଶ୍ରଦ୍ଧା, ଉତ୍ସାହ ଓ ଆନନ୍ଦର ସହ ପାଳନ କରିଥାନ୍ତି । ଏହି ପର୍ବ ମାତୃଶକ୍ତି ପ୍ରତି ସମାଜର ଆଦର, ସମ୍ମାନ ଓ କୃତଜ୍ଞତାର ଭାବନାର ପ୍ରତୀକ ବୋଲି କହିଛନ୍ତି ପୁରୀର ସାଂସଦ ଡ. ସମ୍ବିତ ପାତ୍ର



ଋଷିଆରେ ଅନୁଷ୍ଠିତ ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ପ୍ରତିଷ୍ଠିତ 'ଋଷିଆନ୍ ଗ୍ରାଣ୍ଡ୍ ସ୍ୟାଣ୍ଡ୍ ମାଷ୍ଟର କପ୍' ଜିତିଥିବାରୁ ଓଡ଼ିଶାର ବାଲୁକା ଶିଳ୍ପୀ ଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ: ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୧୨ ବର୍ଷର ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ ବୋଲି ଆଜି ମଧ୍ୟପ୍ରଦେଶର ଭୋପାଳ ଗସ୍ତ ଅବସରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ପୃଥକ ପୃଥକ ଭାବରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ, ଜନପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱର ସଫଳ ୧୨ ବର୍ଷ ଉପରେ ସମ୍ବାଦିକମାନଙ୍କ ସହ ଆଲୋଚନା କରିବା ସହିତ 'ଆତ୍ମନିର୍ଭର ମହିଳା ସମ୍ମାନ' ଓ 'ବିକଶିତ ଭାରତ ସଂକଳ୍ପ: ଏକ ବିକଶିତ ଭାରତ ଅଭିମୁଖ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ସଫଳତାର ସହ ପୂର୍ଣ୍ଣ ହୋଇଛି । ଏହି ଯାତ୍ରା ଦେଶର ପ୍ରତ୍ୟେକ ବର୍ଗକୁ ସାଙ୍ଗରେ ନେଇ ଆଗକୁ ବଢ଼ିବା ଏବଂ ସେବା ଓ ସୁଶାସନର ସଂକଳ୍ପକୁ ମଜବୁତ କରିବାର ଯାତ୍ରା ଅଟେ । ଅନ୍ତ୍ୟୋଦୟ ଭାବନା ସହ ଗରିବ, କୃଷକ, ମହିଳା ଏବଂ ଯୁବକମାନଙ୍କୁ କେନ୍ଦ୍ରରେ ରଖାଯାଇଛି । ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ଲକ୍ଷପତି ଦିଦି, ପିଏମ କିଷାନ ସମ୍ମାନ ନିଧି, ଆୟୁଷ୍ମାନ ଭାରତ ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ ଭଳି ଅନେକ ଐତିହାସିକ ପଦକ୍ଷେପ ନିଆଯାଇଛି । ଆଜି ମହିଳା ନେତୃତ୍ୱାଧୀନ ବିକାଶ ଭାବନା ସହ ଦେଶର ନାରୀ ଶକ୍ତି କେବଳ ସହଭାଗୀ ନୁହେଁ, ବରଂ ପ୍ରଗତିର ଅଗ୍ରଣୀ ଶକ୍ତି ସାଜିଛନ୍ତି ।

'ଆତ୍ମନିର୍ଭର ମହିଳା ସମ୍ମାନ' କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଲକ୍ଷପତି ଦିଦିମାନଙ୍କ ସହ ସମ୍ବାଦ କରିଥିଲେ । ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ବୁଲି ଦେଖିବା ସହ ସେମାନଙ୍କ ପରିଶ୍ରମ, ପ୍ରତିଭା ଓ ଆତ୍ମବିଶ୍ୱାସକୁ ଉଚ୍ଚ ପ୍ରଶଂସା କରିଥିଲେ । ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଜିର ନାରୀ ଶକ୍ତି ସ୍କିଲ ଓ ଇନୋଭେସନ ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି । ସେହିପରି କେନ୍ଦ୍ର ସରକାରଙ୍କ 'ଗୋବର୍ଦ୍ଧନ ଯୋଜନା' ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରି ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଛି। ଲକ୍ଷପତି ଦିଦିମାନଙ୍କୁ ଶିକ୍ଷା ଏବଂ କୌଶଳର ଅଧିକ ସୁଯୋଗ ଯୋଗାଇଦେବା ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ସହ ମିଶି ନୂଆ ପ୍ରୟାସ ଆରମ୍ଭ କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି। ଏହାବ୍ୟତୀତ ଭୋପାଳ ମହାନଗର ନିଗମର ନବନିର୍ମିତ ମୁଖ୍ୟାଳୟ 'ଅଟଳ ଭବନ'ରେ କର୍ପୋରେଟରମାନଙ୍କ ସହ ଆଲୋଚନା କରି ସହରରେ ପାଇପ୍ ପ୍ରାକୃତିକ ଗ୍ୟାସର ବ୍ୟବହାର ବଢ଼ାଇ ଶକ୍ତି ଓ ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଶେଷରେ ସେ କହିଛନ୍ତି ଯେ, 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ' ମନ୍ତ୍ର ସହିତ ଭାରତ ଆଜି ଆତ୍ମବିଶ୍ୱାସର ସହ ବିକଶିତ ଭାରତ ୨୦୪୭ ର ସଂକଳ୍ପକୁ ସାକାର କରିବା ଦିଗରେ ଅଗ୍ରସର ହେଉଛି ଏବଂ ଏଥିରେ ଆମ ମାତୃଶକ୍ତିର ଭାଗିଦାରୀ ହିଁ ଦେଶର ପ୍ରଗତିର ମୂଳ ଆଧାର ।






# ଫିଫା ଫୁଟ୍‌ବଲ୍ ବିଶ୍ୱକପ୍-୨୦୨୬ ମହାଆଡ଼ମ୍ବରରେ ଉଦ୍‌ଘାଟିତ



ମେକ୍ସିକୋ ସିଟି: ଫିଫା ଫୁଟ୍‌ବଲ୍ ବିଶ୍ୱକପ୍-୨୦୨୬ ମହାଆଡ଼ମ୍ବରରେ ଉଦ୍‌ଘାଟିତ ହୋଇଯାଇଛି। ଫୁଟ୍‌ବଲ୍ ଇତିହାସର ସର୍ବବୃହତ୍ ମହାସମର ଭାବେ ପରିଗଣିତ ହେଉଥିବା ବିଶ୍ୱକପ୍‌ର ୨୩ତମ ସଂସ୍କରଣରେ ଅନେକ 'ପ୍ରଥମ'ର ସମାହାର ଘଟିଛି। ପ୍ରଥମ ଥର ଲାଗି ତିନିଟି ଦେଶ ଆମେରିକା, କାନାଡା ଓ ମେକ୍ସିକୋ ଆୟୋଜକ ଅଛନ୍ତି।

ଐତିହାସିକ ଉଦ୍‌ଘାଟନୀ ଉତ୍ସବ ମଧ୍ୟ ତିନିଟି ପର୍ଯ୍ୟାୟରେ ଆୟୋଜିତ ହୋଇଛି। ମେକ୍ସିକୋର ମେକ୍ସିକୋ ସିଟି ଷ୍ଟାଡିୟମ୍‌ରେ ଆୟୋଜିତ ପ୍ରଥମ ଉଦ୍‌ଘାଟନୀ ଉତ୍ସବରେ କଲମ୍ବିଆନ୍ ପପ୍ ଷ୍ଟାର ସାକିରା ମୁଖ୍ୟ ଆକର୍ଷଣ ପାଲଟିଛନ୍ତି। ନିଜ ମନ୍ତ୍ରମୁଗ୍ଧକର ସଂଗୀତ ପରିବେଷଣ ଏବଂ ନିଆରା ନୃତ୍ୟରେ ଦର୍ଶକଙ୍କୁ ବିମୋହିତ କରିଛନ୍ତି ସେ। ଅନ୍ୟମାନଙ୍କ ମଧ୍ୟରେ ଜେ. ବାଲଭିନ, ଟାଇଲା, ଆଲେକଜାଣ୍ଡ୍ରୋ ଫର୍ଣ୍ଣାଣ୍ଡେଜ୍, ମାନା ବେଲିଣ୍ଡା, ଲସ୍ ଆଞ୍ଜେଲ୍‌ସ ଆଜୁଲେସ୍ ଓ ଡାନି ଓସେନ ଭଳି ଲୋକପ୍ରିୟ ସଂଗୀତ ଗ୍ରୁପ୍ ଉଦ୍‌ଘାଟନୀ ଉତ୍ସବର ମାନ ବଢ଼ାଇଛନ୍ତି। ସାକିରା ବିଶ୍ୱକପ୍‌ର ଆନୁଷ୍ଠାନିକ ଗୀତ 'ଡାଇ ଡାଇ' ପରିବେଷଣ କଲା ବେଳେ ଦର୍ଶକ ପୂରା ଝୁମି ଉଠିଥିଲେ। ଶୁକ୍ରବାର କାନାଡାର ଟରୋଣ୍ଟୋସ୍ଥିତ ବିଏମ୍‌ଓ ଫିଲ୍ଡରେ ଆୟୋଜିତ ହେବାକୁ ଥିବା ଅନ୍ୟଏକ ଉଦ୍‌ଘାଟନୀ ଉତ୍ସବରେ ଆଲାନିସ୍ ମୋରିସେଟ୍, ଆଲେସିଆ କାରା, ମାଇକେଲ୍ ବବଲ୍, ଜେସି ରିୟାଜ, ନୋରା ଫତେହୀ, ସଂଜୟ, ଭେଗେଡ୍ରିମ୍ ତଥା ୱିଲିୟମ୍ ପ୍ରିନ୍ସଙ୍କ ଭଳି କଳାକାର ନୃତ୍ୟ ଓ ସଂଗୀତ ପରିବେଷଣ କରିବେ। ସେହିଭଳି ଆମେରିକାର ଲସ୍ ଏଞ୍ଜେଲ୍‌ସସ୍ଥିତ ସୋଫି ଷ୍ଟାଡିୟମ୍‌ରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ କେଟି ପେରୀ, ଫ୍ୟୁଚର, ଆନିଟା, ଲିସା, ରେମା ଓ ଟାଇଲାଙ୍କ ଭଳି କଳାକାର ନିଜ ଯାଦୁ ଦେଖାଇବେ। ତିନିଟି ଯାକ ଉଦ୍‌ଘାଟନୀ ଉତ୍ସବର ପ୍ରାୟୋଜକ ରହିଛନ୍ତି ଏକାଧିକ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବର କଳା ନିର୍ଦ୍ଦେଶକ ମାର୍କୋ ବଲିଚ।

## ସ୍ପେନ୍ ଜିତିବ ବିଶ୍ୱକପ୍ !

ଲଣ୍ଡନ: ଫିଫା ବିଶ୍ୱକପ୍‌ର ବିଜେତାଙ୍କୁ ନେଇ ସଠିକ୍ ପୂର୍ବାନୁମାନ କରି ଅତୀତରେ ଅକ୍ଟୋପସ୍ 'ପଲ୍' ସାରା ବିଶ୍ୱରେ ଚର୍ଚ୍ଚିତ ହୋଇଥିଲା। ଏବେକାର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ମେସିନ୍ ଲର୍ଣ୍ଣିଂ (ଏମ୍‌ଏଲ୍) ଯୁଗରେ କିନ୍ତୁ ଏଭଳି ଜନ୍ତୁ କିମ୍ବା ଭବିଷ୍ୟବକ୍ତାଙ୍କର ବିଶେଷ ପ୍ରାସଙ୍ଗିକତା ନାହିଁ। ଏବେ ସବୁକିଛି ତଥ୍ୟ ବିଜ୍ଞାନ (ଡାଟା ସାଇନ୍ସ) ଓ ଆଲଗୋରିଦମ ଉପରେ ନିର୍ଭରଶୀଳ। ଏଣୁ ଚଳିତ ଫିଫା ବିଶ୍ୱକପ୍‌ର ୪୮ ଅଂଶଗ୍ରହଣକାରୀ ଦଳର ପୂର୍ବ ରେକର୍ଡ, ସାଂପ୍ରତିକ ପ୍ରଦର୍ଶନ ଓ ଦକ୍ଷତାକୁ ସଂଗ୍ରହ କରି ମେସିନ ଲର୍ଣ୍ଣିଂ ଜରିଆରେ ଅଷ୍ଟ୍ରିଆର ଇନ୍‌ସ୍‌ବ୍ରୁକ୍ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ପ୍ରଧ୍ୟାପକ ଆଚିମ ଜେଲିସ୍ ରୋଚକ ପୂର୍ବାନୁମାନ କରିଛନ୍ତି। ତାଙ୍କ ଅନୁସାରେ ଏଥର ଆର୍ଜେଣ୍ଟିନା ନୁହେଁ ୟୁରୋପୀୟ ଶକ୍ତି ସ୍ପେନ୍ ବିଜେତା ହେବାର ସମ୍ଭାବନା ଅଧିକ ରହିଛି। ଏଆଇ ଓ ମେସିନ ଲର୍ଣ୍ଣିଂ ପ୍ରଯୁକ୍ତି ବିଦ୍ୟାରୁ ମିଳିଥିବା ଫଳାଫଳ ଅନୁଯାୟୀ ଏଥର ସ୍ପେନ୍ ବିଜେତା ହେବାର ୧୪.୫ ପ୍ରତିଶତ ସମ୍ଭାବନା ଥିଲା ବେଳେ ଇଂଲଣ୍ଡ ଓ ଫ୍ରାନ୍ସ ବିଜେତା ହେବାର ୧୨.୪ ପ୍ରତିଶତ ସମ୍ଭାବନା ରହିଛି।

## କେନ୍ ୱିଲିୟମସନ୍‌ଙ୍କ ଅବସର

ୱେଲିଂଟନ୍: ନ୍ୟୁଜିଲାଣ୍ଡର ଅନ୍ୟତମ ମହାନ କ୍ରିକେଟର୍ ତଥା ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ୍ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଗ୍ରହଣ କରିଛନ୍ତି। ଏହା ସହିତ ତାଙ୍କ ୧୬ ବର୍ଷର ସଫଳ ଅନ୍ତର୍ଜାତୀୟ କ୍ୟାରିୟରରେ ଯବନିକା ପଡ଼ିଛି। କ୍ରିକେଟ୍‌ର ସବୁ ଫର୍ମାଟ୍‌ରେ ସେ ନ୍ୟୁଜିଲାଣ୍ଡ ପାଇଁ ୩୭୮ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏହା ମଧ୍ୟରେ



୧୧୦ ଟେଷ୍ଟ, ୧୭୫ ଦିନିକିଆ ଓ ୯୮ ଟ୍ୱେଣ୍ଟି-୨୦ ଅନ୍ତର୍ଭୁକ୍ତ। ଟେଷ୍ଟରେ ସେ ୯୫୧୫, ଦିନିକିଆରେ ୭୨୫୬ ଓ ଟ୍ୱେଣ୍ଟି-୨୦ରେ ୨୫୭୫ ରନ୍ କରିଛନ୍ତି। ଆଇପିଏଲ୍‌ରେ ସେ ୨୦୧୫ରୁ ୨୦୨୨ ପର୍ଯ୍ୟନ୍ତ ସନ୍‌ରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିଥିଲେ ଓ କେତୋଟି ଋତୁରେ ଏହି ଦଳର ଅଧିନାୟକ ବି ହୋଇଥିଲେ। ତେବେ ୨୦୨୩ ଓ ୨୦୨୪ ଋତୁରେ ସେ ଗୁଜରାଟ ଟାଇଟନ୍ସ ପାଇଁ ଖେଳିଥିଲେ। କେନ୍‌ଙ୍କୁ ବିଶ୍ୱ କ୍ରିକେଟ୍‌ର ଅନ୍ୟତମ ସମ୍ମାନସ୍ପଦ ଓ ନିର୍ବିବାଦୀୟ କ୍ରିକେଟ୍ ଖେଳାଳିର ମାନ୍ୟତା ଦିଆଯାଏ। ତେବେ ଇଂଲଣ୍ଡ ଗସ୍ତ ଚାଲିଥିବାବେଳେ ତାଙ୍କର ଅଚାନକ ଅବସର ସମସ୍ତଙ୍କୁ ଚକିତ କରିଛି। ୱିଲିୟମସନ୍‌ଙ୍କ ଅବସର ପରେ ତାଙ୍କୁ ବିଦାୟ ଜଣାଇଛନ୍ତି ଭାରତର କିମ୍ବଦନ୍ତି ବ୍ୟାଟର୍ ବିରାଟ କୋହଲି। ସୋସିଆଲ୍ ମିଡିଆରେ ସେ ଲେଖିଛନ୍ତି "କେନ୍ ଜଣେ ପ୍ରତିଦ୍ୱନ୍ଦ୍ୱୀରୁ ବନ୍ଧୁ ପାଲଟିଥିଲେ। ବର୍ଷ ବର୍ଷ ଧରି ତାଙ୍କୁ ଖେଳିବାର ଦେଖିବା ଓ ତାଙ୍କ ବିପକ୍ଷରେ ଖେଳିବା ବେଶ ଆନନ୍ଦର ବିଷୟ ଥିଲା। କିନ୍ତୁ ତାଠାରୁ ଆମ ବନ୍ଧୁତା ଓ କ୍ରିକେଟ୍ ବିଷୟରେ ଦୃଷ୍ଟିକୋଣକୁ ମୁଁ ଅଧିକ ମୂଲ୍ୟ ଦିଏ। ଅବସର ପାଇଁ ଶୁଭେଚ୍ଛା ଓ ଜୀବନ ଏବେ ଆରମ୍ଭ ହେଲା।"

# ସିଏମ୍ ଟ୍ରଫି ୨.୦ ଉଦ୍‌ଯାପିତ

- ଖୋଖୋରେ ପୁରୀ, ଖୋର୍ଦ୍ଧା ବିଜେତା
- କବାଡ଼ିରେ ବାଜି ମାରିଲେ ବାଲେଶ୍ୱର, ପୁରୀ
- ଭଲିବଲ୍‌ରେ କଟକ, ଖୋର୍ଦ୍ଧାକୁ ଟ୍ରଫି







ଭୁବନେଶ୍ୱର: ସିଏମ ଟ୍ରଫି ୨.୦ର ଦ୍ୱିତୀୟ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ତୃଣମୂଳ ସ୍ତରରେ ଏକ ସୁଦୃଢ଼ କ୍ରୀଡ଼ା ପରିବେଶ ଗଢ଼ିବା ଏବଂ ରାଜ୍ୟରେ ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରିବା ଦିଗରେ ଓଡ଼ିଶାର ବଡ଼ ପ୍ରୟାସରେ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି । ଏଥିରେ ଉଭୟ ବାଳକ ଓ ବାଳିକାଙ୍କ ପାଇଁ ଚାରିଟି ଖେଳ ଯଥା ଫୁଟବଲ୍ (୧୫ ବର୍ଷରୁ କମ୍), ଖୋଖୋ (୧୪ ବର୍ଷରୁ କମ୍), କବାଡ଼ି (୧୪ ବର୍ଷରୁ କମ୍) ଓ ଭଲିବଲ୍ (୧୪ ବର୍ଷରୁ କମ୍)ରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏକାଧିକ ସ୍ତରରେ ଆୟୋଜିତ ଏହି ପ୍ରତିଯୋଗିତାକୁ ନେଇ ଯୁବ ଖେଳାଳିମାନଙ୍କ ଭିତରେ ଅଭୂତପୂର୍ବ ଆଗ୍ରହ ଦେଖିବାକୁ ମିଳିଥିଲା। ରେକର୍ଡ ୩୦,୦୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗ ମଧ୍ୟରେ ବାଳକ ଫୁଟ୍‌ବଲ୍‌ରେ ବରଗଡ଼ ବିଜେତା, ଯାଜପୁର




ଉପବିଜେତା, ବାଳିକା ଫୁଟ୍‌ବଲ୍‌ରେ ଭୁବନେଶ୍ୱର ବିଜେତା, କେନ୍ଦୁଝର ଉପବିଜେତା, ବାଳକ ଖୋଖୋରେ ପୁରୀ ବିଜେତା, କଟକ ଉପବିଜେତା, ବାଳିକାରେ ଖୋର୍ଦ୍ଧା ବିଜେତା ଓ ପୁରୀ ଉପବିଜେତା ହୋଇଥିଲା। ସେହିଭଳି ବାଳକ କବାଡ଼ିରେ ବାଲେଶ୍ୱର, ସୁନ୍ଦରଗଡ଼ ଯଥାକ୍ରମେ ବିଜେତା ଓ ଉପବିଜେତା ଆଖ୍ୟା ଅର୍ଜନ କରିଛନ୍ତି। ବାଳିକା କବାଡ଼ିରେ ପୁରୀ ବିଜେତା ହୋଇଥିଲା ବେଳେ ଗଞ୍ଜାମ ଉପବିଜେତା ହୋଇଛି। ଅନ୍ୟପକ୍ଷରେ ବାଳକ ଭଲିବଲ୍‌ରେ କଟକ, କେନ୍ଦ୍ରାପଡ଼ା ଉପବିଜେତା ହୋଇଥିଲା ବେଳେ ବାଳିକାରେ ଯଥାକ୍ରମେ ଖୋର୍ଦ୍ଧା ବିଜେତା ଓ କଳାହାଣ୍ଡି ଉପବିଜେତା ହୋଇଛି। ସୂଚନାଯୋଗ୍ୟ ଯେ ପ୍ରଥମ ସଂସ୍କରଣରେ ମାତ୍ର ୬,୦୦୦ ଖେଳାଳି ଅଂଶଗ୍ରହଣ କରିଥିଲା ବେଳେ ଏଥର ଏହାର ୫ଗୁଣରୁ ଅଧିକ ପ୍ରତିଯୋଗୀ ଖେଳିବା ଓଡ଼ିଶାରେ ବର୍ଦ୍ଧିତ କ୍ରୀଡ଼ା ସଂସ୍କୃତିକୁ ଦର୍ଶାଉଛି।



ଅନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ସପ୍ତାହବ୍ୟାପୀ ଉତ୍ସବର ଶୁଭାରମ୍ଭ କରିଛନ୍ତି କ୍ରିଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମର ଇନ୍‌ଡୋର୍ ଆଥଲେଟିକ୍ସ ସେଣ୍ଟରଠାରେ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଯୋଗ ମହୋତ୍ସବ ସମିତିର ମିଳିତ ସହଯୋଗରେ ଆୟୋଜିତ ସପ୍ତାହବ୍ୟାପୀ ଯୋଗ ମହୋତ୍ସବ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଅଛି।




କ୍ରୀଡ଼ା କେବଳ, ମେଡାଲ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ 'ଚିନ୍ତନ ଶିବିର'ର ଉଦ୍‌ଯାପନ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ଭୁବନେଶ୍ୱରରେ ଆୟୋଜିତ ସାଇକେଲରେ ରବିବାର କାର୍ଯ୍ୟକ୍ରମରେ ଭାଗନେଇଛନ୍ତି କ୍ରିଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ଏକ ନିରୋଗ ଏବଂ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣେଇବା ପାଇଁ ଆଗ୍ରହ ପ୍ରକାଶ କରନ୍ତୁ ବୋଲି କହିଛନ୍ତି କ୍ରିଡା ମନ୍ତ୍ରୀ ।

## ଶ୍ରେଷ୍ଠ ୧୦୦ ପ୍ରଭାବଶାଳୀ କ୍ରୀଡ଼ା ତାରକାଙ୍କ ମଧ୍ୟରେ ମନ୍ଧାନା

ନୂଆଦିଲ୍ଲୀ : ବିଶ୍ୱର ମର୍ଯ୍ୟାଦାଜନକ ମାଗାଜିନ୍ 'ଟାଇମ୍'ର ଶୀର୍ଷ ୧୦୦ ପ୍ରଭାବଶାଳୀ କ୍ରୀଡ଼ାବ୍ୟକ୍ତିତ୍ୱଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି ଭାରତୀୟ ମହିଳା କ୍ରିକେଟ୍ ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନା। ୨୦୨୬ ମସିହା ପାଁଇଁ ପ୍ରକାଶିତ ଏହି ତାଲିକାରେ ଅନ୍ୟ କୌଣସି ଭାରତୀୟଙ୍କ ନାଁ ନାହିଁ। ଏହି ତାଲିକାରେ ବାସ୍କେଟ୍‌ବଲ୍ କିଂବଦନ୍ତି ଲିବ୍ରନ୍ ଜେମ୍ସଙ୍କ ସହିତ ଫୁଟ୍‌ବଲ୍ ଆଇକନ୍ ଲିଓନେଲ୍ ମେସି, କ୍ରିଷ୍ଟିଆନୋ ରୋନାଲ୍ଡୋ, ଟେନିସ୍ ସେନସେସନ୍ କାର୍ଲୋସ ଆଲକାରାଜ, ଗଲ୍‌ଫର ରୋରି ମ୍ୟାକଲରୟ, ସ୍କାଏର ଏଲିନ୍ ଗୁ, ଏନ୍‌ବିଏ ତାରକା ଭିକ୍ଟର ୱେମ୍ବାନ୍ୟାମା, ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳ ଅଧିନାୟକ ତେମ୍ବା ବଭୁମା ଏବଂ ଫିଫା ସଭାପତି ଜିଆନ ଇନ୍‌ଫାଣ୍ଟିନୋ ମଧ୍ୟ ସାମିଲ ଅଛନ୍ତି।୨୯ ବର୍ଷୀୟା ମନ୍ଧାନା ପ୍ରଥମ ଭାରତୀୟ ଭାବେ ଘରୋଇ ଦିନିକିଆରେ ଦ୍ୱିଶତକ ମାରିବା ସହ ସମସ୍ତ ୩ ଫର୍ମାଟ୍‌ରେ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ସେ ମଧ୍ୟ ମହିଳା



ଅନ୍ତର୍ଜାତୀୟରେ ୧୭ ଶତକ ସହିତ ଯୁଗ୍ମ ଭାବେ ବିଶ୍ୱରେକର୍ଡର ଅଧିକାରିଣୀ ଅଛନ୍ତି। ପ୍ରଥମ ମହିଳା ଭାବେ ସେ ଗୋଟିଏ କ୍ୟାଲେଣ୍ଡର୍ ବର୍ଷରେ ୧,୦୦୦ ଦିନିକିଆ ରନ୍ କରିଛନ୍ତି। ଟାଇମ୍ସ ମାଗାଜିନ୍ କିନ୍ତୁ ତାଙ୍କ ଦଳଗତ ସଫଳତା ପାଇଁ ଅଧିକ ଶ୍ରେୟ ଦେଇ ଏହି ଏଲିଟ୍ ତାଲିକାରେ ସ୍ଥାନ ଦେଇଛି। ତାଙ୍କ ନେତୃତ୍ୱରେ ଆର୍‌ସିବି ୨୦୨୪ ଓ ୨୦୨୬ରେ ଡବ୍ଲ୍ୟୁପିଏଲ୍ ଟାଇଟଲ୍ ଜିତିଥିଲା। ୨୦୨୫ରେ ଦିନିକିଆ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଉପଅଧିନାୟକ ଥିଲେ। ୨୦୨୫ରେ ସେ ମଧ୍ୟ ବିବିସି ଇଣ୍ଡିଆନ୍ ସ୍ପୋର୍ଟସଓମାନ୍ ଅଫ୍ ଦ ଇୟର୍ ବିବେଚିତ ହୋଇଥିଲେ।

## ୨୦୨୭ ଅକ୍ଟୋବରରୁ ଦିନିକିଆ ବିଶ୍ୱକପ୍

ମୁମ୍ବାଇ: ଆଇସିସି ପକ୍ଷରୁ ୨୦୨୭ ଦିନିକିଆ ବିଶ୍ୱକପ୍‌ର ତାରିଖ ଆପାତତଃ ଚୂଡ଼ାନ୍ତ କରାଯାଇଛି। ଏହି ବିଶ୍ୱକପ୍ ଆସନ୍ତା ବର୍ଷ ଅକ୍ଟୋବର ୪ରୁ ନଭେମ୍ବର ୨୧ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ଅନୁଷ୍ଠିତ ହେବ। ଏହି ବିଶ୍ୱକପ୍ ପୁଣି ପୁରୁଣା ଫର୍ମାଟ୍‌କୁ ଫେରିବ ଓ ୧୪ ଦଳଙ୍କ ମଧ୍ୟରେ ଖେଳାଯିବ। ଗତ ଆଇପିଏଲ୍ ଫାଇନାଲ୍ ସମୟରେ ଅହମଦାବାଦରେ ଅନୁଷ୍ଠିତ ଆଇସିସି ବୋର୍ଡ ବୈଠକରେ ଏହି କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା ହୋଇଥିଲା ଓ ଏହାକୁ ଆପାତତଃ ମଂଜୁରୀ ଦିଆଯାଇଛି। ବିଶ୍ୱକପ୍‌ରେ ମୋଟ ୫୪ଟି ମ୍ୟାଚ୍ ଖେଳାଯିବ ଓ ସେଥିରୁ ପ୍ରାୟ ୪୦ ମ୍ୟାଚ୍ ଦକ୍ଷିଣ ଆଫ୍ରିକାର ୮ ଷ୍ଟାଡିୟମ୍‌ରେ ଆୟୋଜନ ହେବ। ସେହିପରି ଜିମ୍ବାୱେରେ ୮ରୁ ୧୦ ମ୍ୟାଚ୍ ଆୟୋଜନ ହେବ ଓ ସେଗୁଡ଼ିକ ହାରାରେ, ବୁଲାୱାୟୋ ଓ ଭିକ୍ଟୋରିଆ ଫଲ୍ସରେ ନବନିର୍ମିତ ଏକ ଷ୍ଟାଡିୟମରେ ଖେଳାଯିବ। ନାମିବ୍ୟାରେ ୩ ମ୍ୟାଚ୍ ଖେଳାଯିବ। ଆସନ୍ତା ଜୁଲାଇ ମାସରେ ଏଡିନବର୍ଗଠାରେ ଅନୁଷ୍ଠିତ ହେବାକୁ ଥିବା ଆଇସିସି ବାର୍ଷିକ ସାଧାରଣ ପରିଷଦ ବୈଠକରେ ଏହି ବିଶ୍ୱକପ୍‌ର ସବିଶେଷ ଖେଳସୂଚୀ ଚୂଡ଼ାନ୍ତ ହେବାର ସମ୍ଭାବନା ରହିଛି। ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ୨୦୦୩ରେ ଦିନିକିଆ ବିଶ୍ୱକପ୍ ଫାଇନାଲ୍ ଆୟୋଜନ କରିଥିଲେ।

## ସୁଟିଂ ପ୍ରଶିକ୍ଷକ ଯଶପାଲ ରାଣାଙ୍କ ଅକାଳ ବିୟୋଗ

ନୂଆଦିଲ୍ଲୀ : ପୂର୍ବତନ ଏସୀୟ ସ୍ୱର୍ଣ୍ଣ ପଦକ ସୁଟର୍ ତଥା ପ୍ରଶିକ୍ଷକ ଯଶପାଲ୍ ରାଣାଙ୍କ ଦେହାନ୍ତ ଗୁରୁବାର ରାତିରେ ସାକେତସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ହୋଇଛି। ୪୯ ବର୍ଷୀୟ ରାଣାଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଜର୍ମାନୀର ମ୍ୟୁନିକରେ ଆୟୋଜିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରୁ ଭାରତୀୟ ଦଳ ସହ ଫେରିବା ବେଳେ ବିମାନ ମଧ୍ୟରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ବିମାନରୁ ଓହ୍ଲାଇବା ପରେ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ଷ୍ଟେଣ୍ଟ ଲାଗିଥିଲା



ଏବଂ ସେହିଦିନଠାରୁ ଚିକିତ୍ସା ଚାଲିଥିଲା। ଭାରତୀୟ ପିସ୍ତଲ ସୁଟର୍‌ଙ୍କ ଉଚ୍ଚ ପ୍ରଦର୍ଶନକାରୀ ପ୍ରଶିକ୍ଷକ ଥିଲେ ଯଶ୍‌ପାଲ। ସେ ଭାରତୀୟ ସୁଟିଂର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ତତ୍ତ୍ୱାବଧାନରେ ମନୁ ଭାକର ପ୍ରଥମ ଭାରତୀୟ ଭାବେ ଗୋଟିଏ ଅଲିମ୍ପିକ୍‌ସରେ ଯୁଗଳ ପଦକ ଜିତିବାରେ ସକ୍ଷମ ହୋଇଥିଲେ। ପ୍ୟାରିସ୍ ଅଲିମ୍ପିକ୍ସରେ ମନୁ ୧୦ ମିଟର ଏୟାର ପିସ୍ତଲ ମହିଳା ବ୍ୟକ୍ତିଗତ ଓ ମିଶ୍ରିତ ଦଳଗତରେ କାଂସ୍ୟ ପଦକ ଜିତି ଇତିହାସ ରଚିଥିଲେ। ଯଶପାଲ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୯ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ କାଂସ୍ୟ ସହ ମୋଟ ୧୫ ପଦକ ଜିତିଥିଲେ। ତାଙ୍କ ଖେଳ ଜୀବନ ପରେ ସେ ପ୍ରଶିକ୍ଷଣକୁ ଆପଣେଇଥିଲେ। ତାଙ୍କ ପ୍ରଶିକ୍ଷଣରେ ମନୁଙ୍କ ସହ ସୌରଭ ଚୌଧୁରୀ, ଅନୀଶ ଭନୱାଲା ଓ ଚିକି ଯାଦବ ଅନ୍ତର୍ଜାତୀୟସ୍ତରରେ ନିଜର ଟେକ ରଖିପାରିଛନ୍ତି। ତାଙ୍କର ସଫଳ ପ୍ରଦର୍ଶନ ଲାଗି ୨୦୨୦ରେ ସେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଥିଲେ। ତାଙ୍କର ଦେହାନ୍ତରେ ଭାରତୀୟ ସୁଟିଂ ଦୁନିଆରେ ଦୁଃଖର ଛାୟା ଖେଳିଯାଇଛି। ତାଙ୍କର ଅକାଳ ବିୟୋଗରେ ଭାରତୀୟ ଜାତୀୟ ରାଇଫଲ ସଂଘର ସଭାପତି କଳିକେଶ ସିଂହଦେଓ ଶୋକ ପ୍ରକାଶ କରିଛନ୍ତି।

Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty